# ଶୁକ୍ରନୀତି-ସାର

ପଣ୍ଡିତ ଶ୍ରୀ ବାଞ୍ଛାନିଧି ଖାଡ଼ଙ୍ଗା,
ବ୍ୟାକରଣାଚାର୍ଯ୍ୟ, ଅଦ୍ୱୈତବେଦାନ୍ତଶାସ୍ତ୍ରୀ

Digitized by srujanika@gmail.com

# ଶୁକ୍ରନୀତି-ସାର

ଅନୁବାଦକ :—

**ପଣ୍ଡିତ ଶ୍ରୀ ବାଞ୍ଛାନିଧି ଖାଡ଼ଙ୍ଗା**

ବ୍ୟାକରଣତୀର୍ଥ, ଆୟୁର୍ବେଦଶାସ୍ତ୍ରୀ, ସାହିତ୍ୟଶାସ୍ତ୍ରୀ
ବରପାଲି ହାଇସ୍କୁଲ, ସମ୍ବଲପୁର

ପ୍ରକାଶକ :—

୬୧-୨୫ ନୂ. ପ.

Digitized by srujanika@gmail.com

# ଅଭିମତ

ପଣ୍ଡିତ ଶ୍ରୀ ବାଞ୍ଛାନିଧି ଖାଡ଼ଙ୍ଗା 'ଶୁକନୀତି' ଗ୍ରନ୍ଥରୁ ଅତି ମହତ୍ତ୍ୱ ଓ ଶିକ୍ଷଣୀୟ ନୀତିମାନ ବାଛିତାର ସହିତ ଚୟନ କରି ସେଗୁଡ଼ିକର ଓଡ଼ିଆ ଅନୁବାଦ ଏବଂ ସେଥି ସହିତ ସ୍ୱକୀୟ ମତ ଓ ବ୍ୟାଖ୍ୟା ପ୍ରକାଶ କରିଅଛନ୍ତି । 'ନୀତି' ସାହିତ୍ୟ ପ୍ରାଚୀନ ଭାରତରେ ସର୍ବସ୍ୱ ଆଦର ଲାଭ କରିଥିଲା ଏବଂ ତାହା ରାଜାଠାରୁ ସାଧାରଣ ପ୍ରଜା ପର୍ଯ୍ୟନ୍ତ ସବୁ ସ୍ତରର ବ୍ୟକ୍ତିଙ୍କୁ କର୍ତ୍ତବ୍ୟ ପଥରେ ଅଗ୍ରସର ହେବାରେ ଆଲୋକ ପ୍ରଦାନ କରି ପାରୁଥିଲା । ଦୁଃଖର ବିଷୟ ଏ ଧରଣର ସାହିତ୍ୟ ଆଜି ଆମ ଦେଶରେ ଲୁପ୍ତପ୍ରାୟ ହୋଇ ପଡ଼ୁଛି ଏବଂ ଆଧୁନିକ ସାହିତ୍ୟିକ କଳାକାର ହେବାକୁ ଯାଇ ନୀତିବାଦୀ ହେବାକୁ ପ୍ରାଚୀନ ପନ୍ଥୀ ବୋଲି ହେୟଜ୍ଞାନ କରୁଛନ୍ତି । ନୀତି ଚର୍ଚ୍ଚା କରିବାରେ ବହୁ ଅଭିଜ୍ଞତା, ପ୍ରଜ୍ଞା ଏବଂ ଦୂରଦର୍ଶିତା ଆବଶ୍ୟକ ଏବଂ ଜୀବନର ପରିପକ୍ୱତା ନ ଆସିଲେ ଏ ସବୁର ବିକାଶ ସମ୍ଭବପର ନୁହେଁ । ସୁତରାଂ ଆଧୁନିକ ସମାଜରେ ସାହିତ୍ୟିକ ପ୍ରତିଭାର ସ୍ଫୁରଣ ନିମନ୍ତେ, ଯେଉଁ କୃତ୍ରିମ ବାତାବରଣ ରହିଛି, ତହିଁରେ ଜଣେ ନୀତି ସଂପର୍କ ଶାସ୍ତ୍ରର ପରିବେଷଣ ଆଶା କରିବା ବିଡ଼ମ୍ବନା । ଏ ପରିସ୍ଥିତିରେ ପଣ୍ଡିତ ଖାଡ଼ଙ୍ଗା ଅତୀତକୁ ଦୃଷ୍ଟି ନିକ୍ଷେପ କରି ଶୁକନୀତି ସମୁଦ୍ରରୁ ଆଧୁନିକ ଜନ-ସମାଜର ଗ୍ରହଣଯୋଗ୍ୟ ରତ୍ନମାନ ସଂଗ୍ରହପୂର୍ବକ ଓଡ଼ିଆ ସାହିତ୍ୟରେ ସଂରକ୍ଷଣ କରିବା ଦ୍ୱାରା ଅତି ପ୍ରଶଂସନୀୟ ହୋଇଅଛନ୍ତି । ତାଙ୍କର ଏ ମହତ୍ତ୍ୱ

Digitized by srujanika@gmail.com

ଉଦ୍ୟମ ବ୍ୟକ୍ତିବିଶେଷଙ୍କୁ ସତ୍‌ମାର୍ଗଗାମୀ କରିବା ସଙ୍ଗେ ସଙ୍ଗେ ଜାତିର ଅଗ୍ରଗତିରେ ଯଥୋପଯୁକ୍ତ ସହାୟକ ହେବ, ସନ୍ଦେହ ନାହିଁ ।

ନବୀନକୁମାର ସାହୁ

ତା୧୦।୭।୫୪ ଅଧ୍ୟାପକ, ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ,

ବାରିପଦା

Digitized by srujanika@gmail.com

# ଭୂମିକା

ବନ୍ଦେହଂ ବିଘ୍ନହର୍ତ୍ତାରଂ ବ୍ୟାମୋହ ହରଣେ କ୍ଷମମ୍,
ବିନାୟକଂ ସଦାବନ୍ଦେ ସର୍ବବିଘ୍ନୋପଶାନ୍ତୟେ ।୧।

ଦେବାସୁରୈଃ ସଦାବନ୍ଦ୍ୟଂ ଭକ୍ତାନା ମଭୟ ପ୍ରଦମ୍,
ତସ୍ୟ ପାଦାବ୍ଜ ଯୁଗ୍ମଂ ବନ୍ଦେ ଧ୍ୱାନ୍ତ ଧ୍ୱଂସାୟ ସର୍ବଦା ।୨।

ବାଙ୍ମୟଂ ବୈଭବଂ ଜାଡ୍ୟଂ ଲଭ୍ୟତେ ଯସ୍ୟ ପ୍ରସାଦତଃ,
ବନ୍ଦେଽହଂ ଶାଶ୍ୱତଂ ଦିବ୍ୟଂ ଗୌରୀ ଚରଣ ପଙ୍କଜମ୍ ।୩।

ବହୁ ପ୍ରାଚୀନ କାଳରୁ ଆମ ଦେଶରେ ନୀତିଶାସ୍ତ୍ର ପ୍ରଚଳିତ । ତା ମଧ୍ୟରେ ମହାଭାରତ, ଶୁକ୍ରନୀତି, କୌଟିଲ୍ୟ ଅର୍ଥଶାସ୍ତ୍ର ପ୍ରଭୃତି ସୁପ୍ରସିଦ୍ଧ, ସଭ୍ୟତାର ଉନ୍ନତି ସଙ୍ଗେ ସଙ୍ଗେ ନୀତିଶାସ୍ତ୍ରର ମଧ୍ୟ ଚର୍ଚ୍ଚା ହୋଇ ଆସିଛି । ଶ୍ରୀକୃଷ୍ଣ, ଶୁକ୍ରାଚାର୍ଯ୍ୟ, ଚାଣକ୍ୟ ପ୍ରଭୃତି ନୀତିଜ୍ଞମାନଙ୍କର ଚିନ୍ତାଧାରାରେ ସମାଜ ଚଳିଥିଲା ଏବଂ ଚଳି ଆସୁଛି ।

ନୀତି ଶାସ୍ତ୍ରର ଆବଶ୍ୟକତା ସାଧାରଣ ଗୃହସ୍ଥ ପକ୍ଷରେ ଯେତିକି, ରାଜ୍ୟ ପରିଚାଳକମାନଙ୍କ ପକ୍ଷରେ ସୁଦ୍ଧା ସେହି ପରିମାଣରେ ରହିଛି ।

ସଂସ୍କୃତ ସାହିତ୍ୟ ପ୍ରତି ଦୃଷ୍ଟି ଆମର ନାହିଁ; କିନ୍ତୁ ଗୁଣଗ୍ରାହୀ ପାଶ୍ଚାତ୍ୟ ମନୀଷୀଗଣ ନିଜ ନିଜର ଭାଷାରେ ଅଧିକାଂଶ ପ୍ରସିଦ୍ଧ ଗ୍ରନ୍ଥ ଅନୁବାଦ କରିସାରିଛନ୍ତି । ଭାରତୀୟ ଭାଷାମାନଙ୍କ ମଧ୍ୟରେ, ହିନ୍ଦୀ, ବଙ୍ଗଳା, ତେଲୁଗୁ ପ୍ରଭୃତି ଭାଷାମାନଙ୍କରେ ବେଦ, ବେଦାନ୍ତ

Digitized by srujanika@gmail.com

ଇତ୍ୟାଦ ବହୁ ପ୍ରାଚୀନ ଶାସ୍ତ୍ର ସବୁ ଭାଷାନ୍ତରିତ ହୋଇଥିଲେ ସୁଦ୍ଧା ଆମ ଓଡ଼ିଆ ଭାଷାରେ ତାହା ଦେଖିବାକୁ ମିଳେ ନାହିଁ । ଏହି ଅଭାବକୁ ଲକ୍ଷ୍ୟକରି ସୁପ୍ରସିଦ୍ଧ "ଶୁକ୍ରନୀତିରୁ" ସବୁପାଦେୟ ଏବଂ ଦୈନନ୍ଦିନ ବ୍ୟବହାରଉପଯୋଗୀ ୨୦୧ ଶ୍ଳୋକ ମାତ୍ର ଅନୁବାଦ କରି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ସାହସ କଲି ।

ଏହା ଦ୍ୱାରା ଦେଶରେ କିଛି ଉପକାର ହେଲେ ଶ୍ରମ ସାର୍ଥକ ହେବ ।

ମୋର ପୂଜ୍ୟ ଗୁରୁ ପଣ୍ଡିତ ଶ୍ରୀ ଚିନ୍ତାମଣି ମିଶ୍ର, ଅଧ୍ୟାପକ, ସଂସ୍କୃତ କଲେଜ, ପୁରୀ ନିଜେ ଶ୍ରମ ସ୍ୱୀକାର କରି ମୂଳପାଠ ଓ ଭାଷା ମଧ୍ୟରେ ଥିବା ତ୍ରୁଟି ସବୁ ସଂଶୋଧନ କରିଥିବାରୁ ମୁଁ ତାଙ୍କ ନିକଟରେ ଆନ୍ତରିକ ଭକ୍ତି ଓ କୃତଜ୍ଞତା ଜ୍ଞାପନ କରୁଅଛି । ପଣ୍ଡିତ ରାଘବ ମିଶ୍ର ଶିକ୍ଷକ, ବରପାଲି ହାଇସ୍କୁଲ, ଅନୁବାଦ କରିବାରେ ବହୁ ସାହାଯ୍ୟ କରିଥିବାରୁ ମୁଁ ତାଙ୍କଠାରେ ଚିରଋଣୀ । ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀ ଚଣ୍ଡୀନାଥ ଚଢ଼ଉଆ ଏବଂ ଅନ୍ୟ ଯେଉଁ ସହକର୍ମୀ ବନ୍ଧୁମାନଙ୍କର ଜୀବନ୍ତ ପ୍ରେରଣା ଓ ଉତ୍ସାହରେ ମୁଁ ଏହା କରିବାକୁ ସକ୍ଷମ ହେଲି ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଅଛି ।

ବରପାଲି
ତା ୧୨-୨-୫୪

ଆପଣମାନଙ୍କର
ବିନୀତ
**ଲେଖକ**

Digitized by srujanika@gmail.com

# ସୂଚୀପତ୍ର


| ବିଷୟ | ଶ୍ଳୋକ ସଂଖ୍ୟା |
|---|---|
| ନରରୂପୀ ଦେବତା | ୨ |
| ବଶୀକରଣର ଉପାୟ | ୩ |
| ମିତ୍ର ଓ ସ୍ୱଜନ ପ୍ରତି ବ୍ୟବହାର | ୪ |
| ସ୍ତ୍ରୀ ଏବଂ ଭୃତ୍ୟ ପ୍ରତି ବ୍ୟବହାର | ୫ |
| କେଉଁମାନଙ୍କୁ ଉପହାସ କରିବ ନାହିଁ | ୬ |
| ରାଜା ତଥା ପ୍ରଜା କାହାର ଅପ୍ରିୟ ହୋଇଥାନ୍ତି | ୭ |
| ରାଜକର୍ମଚାରୀଙ୍କର ବର୍ଜନୀୟ କାର୍ଯ୍ୟ | ୮ |
| ଅନାର୍ଯ୍ୟ କିଏ ? | ୯ |
| ଧନ ତ୍ୟାଗ କରିବ ନାହିଁ | ୧୦ |
| ଭୃତ୍ୟ ଯାହାଙ୍କ ଉତ୍ତେଜିତ ହୁଏ | ୧୧ |
| କେଉଁ ପ୍ରମାଣ ଦ୍ୱାରା ମକଦ୍ଦମା ବିଚାର କରିବ | ୧୨ |
| ପିତାଙ୍କର ଆଦେଶ ଅଲଙ୍ଘନୀୟ | ୧୩ |
| ସୋଦର ଭାଇ ପ୍ରତି ବ୍ୟବହାର | ୧୪ |
| ଭୃତ୍ୟ ପରୀକ୍ଷା | ୧୫ |
| ଗୁଣ କର୍ମର ଶ୍ରେଷ୍ଠତା | ୧୬ |
| ରାଜକର୍ମଚାରୀର କର୍ତ୍ତବ୍ୟ | ୧୭ |
| ସଭ୍ୟ (ମେମ୍ବର) ଲକ୍ଷଣ | ୧୮ |
| କପଟି ଭୃତ୍ୟ ରଖିବ ନାହିଁ | ୧୯ |


Digitized by srujanika@gmail.com

ନ ପଚାରିଲେ ମଧ୍ୟ କାହାକୁ ଉପଦେଶ ଦିଆଯାଏ ୨୦,୨୧
ରାଜ କର୍ମଚାରୀ କପଟ କଥା କହିବା ଉଚିତ ୨୨
ରାଜ କର୍ମଚାରୀର ଆଚରଣ ୨୩,୨୪,୨୫
ପ୍ରଖ୍ୟାତ ବ୍ୟକ୍ତି କପଟ ନିଜର ଖ୍ୟାତ କପଟ ହରାଇ ଥାନ୍ତି ୨୬
ହେଡ୍ ଅଫିସରଙ୍କ ଆଚରଣ ୨୭
ଶଠ ଭୃତ୍ୟ ୨୮
ଧୂର୍ତ୍ତ ଶାସକ ୨୯
ବେତନ ଓ ପାରିତୋଷିକର ଲକ୍ଷଣ ୩୦
କର୍ମଚାରୀର ବେତନ କମ୍ ହେଲେ କି ପ୍ରତିକ୍ରିୟା ହୁଏ ୩୧
କେଉଁ ଭୃତ୍ୟ ପ୍ରଭୁଙ୍କୁ ତ୍ୟାଗ କରେ ନାହିଁ ୩୨
ରାଜାଙ୍କର କପଟ ଆଚରଣରେ କର୍ମଚାରୀମାନେ ଅନୁରକ୍ତ ରହନ୍ତି ୩୩,୩୪
ଧର୍ମାଚରଣ ୩୫
ମନ ଓ ଶରୀରର ସ୍ୱଚ୍ଛତା ୩୬
ନିତ୍ୟକର୍ମ ୩୭
ଛତ୍ର ଓ ପାଦୁକା ଧାରଣ ୩୮
ଦୈନିକ କାର୍ଯ୍ୟ ୩୯
ଦଶବିଧ ପାପକର୍ମ ୪୦
ସଦ୍‌ବ୍ୟବହାର ୪୨,୪୩
ପରାଧୀନର କର୍ତ୍ତବ୍ୟ ୪୫
ଇନ୍ଦ୍ରିୟ ସେବା ୪୬
ଇନ୍ଦ୍ରିୟବଶର ବିପଦ ୪୭
ସ୍ୱର୍ଣ୍ଣ ଲାଳସା ୪୮
କାହା ସହ ଏକାନ୍ତରେ ରହିବା ଅନୁଚିତ ୪୯

Digitized by srujanika@gmail.com

| | |
|---|---|
| କେଉଁ ପତିକୁ ସ୍ତ୍ରୀ ପରିତ୍ୟାଗ କରେ | ୫୦ |
| କେଉଁ ସବୁ କାର୍ଯ୍ୟ କରିବା ଅବିଧେୟ | ୫୧ରୁ ୫୫ |
| ଅସଙ୍ଗତକୁ ସଙ୍ଗତ କରିବ ନାହିଁ | ୫୬ |
| ବିଚାରପୂର୍ବକ ତ୍ୟାଗ | ୫୭ |
| କଣ ମନେ ରଖିଲେ ଦୁଃଖ ମିଳେ ନାହିଁ | ୫୮ |
| ଆତତାୟୀର ଲକ୍ଷଣ | ୫୯ |
| କାହାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ | ୬୦ |
| କଣ ଅବହେଳା କରିବ ନାହିଁ | ୬୧ |
| କେଉଁଠାରେ ନ୍ୟାୟ ବିଚାର ମିଳେ ନାହିଁ | ୬୨ |
| କେଉଁଠାରେ ବାସ କରିବ ନାହିଁ | ୬୩ |
| ଆପ୍ତ ବାକ୍ୟକୁ ଅନାଦର କରିବ ନାହିଁ | ୬୬ |
| କେଉଁମାନଙ୍କୁ ମନଦେଇ ସେବା କରିବ | ୬୭ |
| କଣ କରିବା ଅବିଧେୟ | ୬୮ |
| ବିଚାର କରି କାର୍ଯ୍ୟ କରିବ | ୬୯ |
| ବ୍ୟବସାୟୀର କର୍ତ୍ତବ୍ୟ | ୭୨ |
| କିପରି କଥା କହିବା ଅବିଧେୟ | ୭୩ |
| କିପରି ଅଭିମତ ବ୍ୟକ୍ତ କରିବ | ୭୪ |
| ଗୃହୀର କର୍ତ୍ତବ୍ୟ | ୭୫ ରୁ ୭୯ |
| ଅନାଗତ ବିଧାତାର କାର୍ଯ୍ୟ | ୮୦ |
| ପ୍ରତ୍ୟୁତ୍ପନ୍ନମତିର କାର୍ଯ୍ୟ | ୮୧ |
| ଦୀର୍ଘସୂତ୍ରୀର କାର୍ଯ୍ୟ | ୮୨ରୁ ୮୪ |
| ଅବିବେକୀର କାର୍ଯ୍ୟ | ୮୩ |
| ଅବିଚାରର ପରିଣାମ | ୮୫ |
| ବିଶ୍ୱାସର ପାତ୍ର ବିଚାର | ୮୬ |


Digitized by srujanika@gmail.com

ପୂଜ୍ୟ ବ୍ୟକ୍ତିର ଦଣ୍ଡ ବିଧାନ ୮୬
କଷ୍ଟ ବାକ୍ୟର ପରିଣାମ ୮୮
ଧନାଢ୍ୟ ବ୍ୟକ୍ତି ୮୯
ସଂଗ୍ରହଣୀୟ ବସ୍ତୁ ୯୦
ସାଧାରଣ ନୀତି ୯୧
ଭିକ୍ଷୁକ ପ୍ରତି ବ୍ୟବହାର ୯୩
ଦୈନିକ ଆହାର ବିହାର ୯୪ ରୁ ୯୬
କାର୍ଯ୍ୟ ସାଧନର ଉପାୟ ୯୮
ସାଧାରଣ ନୀତି ୯୯-୧୦୦
କିଏ ଜୀବନ୍ମୃତ ? ୧୦୧
ଗୋପନୀୟ ବିଷୟ ୧୦୨
ଜ୍ଞାନାର୍ଜ୍ଜନର ଉପାୟ ୧୦୩
ଦେଶାଟନର ଉପକାରିତା ୧୦୪
ରାଜସଭାରୁ ଶିକ୍ଷା ୧୦୫
ବହୁ ଶାସ୍ତ୍ର ଅଧ୍ୟୟନ କରିବା ଉଚିତ ୧୦୬
ପଣ୍ଡିତ ସଂସର୍ଗର ଫଳ ୧୦୭
କେଉଁମାନଙ୍କୁ ବାଟ ଛାଡି ଦେବ ୧୦୮
ସାଧାରଣ ନୀତି ୧୦୯
ଋଣ କରିବା ଅନୁଚିତ ୧୧୦
ଅନୁମତି ଗ୍ରହଣ ନ କରି ବଡ଼ମାନଙ୍କ ସହ କାର୍ଯ୍ୟ କରିବ ନାହିଁ ୧୧୧
ସାଧାରଣ ନୀତି ୧୧୨
କେଉଁ କାର୍ଯ୍ୟକୁ ଶୀଘ୍ର ଓ କେଉଁ କାର୍ଯ୍ୟକୁ ବିଳମ୍ବରେ କରିବ ୧୧୩
କେଉଁ କାର୍ଯ୍ୟ ଦ୍ୱାରା ଜଗତକୁ ବଶୀଭୂତ କରାଯାଇପାରେ ୧୧୪
ମୃଗୟା, ମଦ୍ୟପାନାଦି ଯୁକ୍ତିପୂର୍ବକ କରିବ ୧୧୬


Digitized by srujanika@gmail.com

ବୃଦ୍ଧ ଦ୍ୱେଷ କରିବା ଅନୁଚିତ ୧୧୭
ସାଧାରଣ ନୀତି ୧୧୮, ୧୧୯
ନିଜ ସ୍ତ୍ରୀର କଥାରେ ଭଉଣୀ ପ୍ରଭୃତିଙ୍କୁ ଦୋଷୀ କରିବ ନାହିଁ ୧୨୦
ବିବାହରେ କନ୍ୟାପକ୍ଷର ଅଭିଳାଷ ବିଦ୍ୟା ଓ ଧନାର୍ଜନ ୧୨୧, ୧୨୨, ୧୨୩
ଲିଖିତ ପ୍ରମାଣର ଶ୍ରେଷ୍ଠତା ୧୨୫
ବିନା ସୁଧରେ ମିତ୍ରଙ୍କୁ ଋଣ ଦାନ ୧୨୬
କାହାକୁ ଋଣ ଦେବ ନାହିଁ ୧୨୭
ଋଣ ଅଦାୟ ସମୟର ବ୍ୟବହାର ୧୨୮
ମିତ୍ର ପ୍ରତି ବ୍ୟବହାର ୧୨୯
ଦାନ ଧର୍ମାଚରଣ ୧୩୦, ୧୩୧
ନିର୍ବୋଧ ସ୍ୱଭାବ ଦ୍ୱାରା କ୍ଷତି ୧୩୨
ଅତି ଦାନର ପରିଣାମ ୧୩୩
କେଉଁ ପଦାର୍ଥ ପର ହାତରେ ଦିଆଯାଏ ନାହିଁ ୧୩୫
ମିତ୍ର କିପରି ଶତ୍ରୁ ହୁଏ ? ୧୩୬
କେତେବେଳେ ଶତ୍ରୁଙ୍କ ଅନିଷ୍ଟ କରିବ ୧୩୭
ସଦ୍‌ବ୍ୟବହାର ଶ୍ରେଷ୍ଠ ଭୂଷଣ ୧୩୮
ଝଣ୍ଟ ଜନ୍ତୁ କେଉଁ ଗୁଣ ଦ୍ୱାରା ଆଦୃତ ହୁଅନ୍ତି ୧୩୯
ଏକ ନାୟକର ପ୍ରଶଂସା ୧୪୩
କପଟି ସ୍ୱଭାବ ଦ୍ୱାରା ଶ୍ରେଷ୍ଠ ବ୍ୟକ୍ତି ମଧ୍ୟ ଦୋଷୀ ବୋଲି ବିବେଚିତ ହୁଅନ୍ତି ୧୪୪
ମହାପାପର ଫଳ କଣ ହୁଏ ? ୧୪୫
କିଏ ସଂସାରରେ ସୁଖ ପାଇ ପାରେ ନାହିଁ ? ୧୪୬
ନରରୂପୀ ପଶୁ କିଏ ? ୧୪୮

Digitized by srujanika@gmail.com

| | |
|---|---|
| ଖଳର ଲକ୍ଷଣ | ୧୪୯ |
| ସୁପୁତ୍ରର ଲକ୍ଷଣ | ୧୫୦ |
| ସୁଭାର୍ଯ୍ୟାର ଲକ୍ଷଣ | ୧୫୧ |
| ସୁମାତାର ଲକ୍ଷଣ | ୧୫୨ |
| ସୁପିତାର ଲକ୍ଷଣ | ୧୫୩ |
| ମିତ୍ରର ଲକ୍ଷଣ | ୧୫୪ |
| କପରି ମାନହାନି ହୁଏ ? | ୧୫୫ |
| ସ୍ତ୍ରୀର ସୁଖଦାୟକ ପଣ | ୧୫୬ |
| ଭାବି ବୁଦ୍ଧିରେ କାର୍ଯ୍ୟ କରିବ | ୧୫୭ |
| କିଏ କଣ ଇଚ୍ଛାକରେ ? | ୧୫୮ |
| ଖଳର କାର୍ଯ୍ୟ | ୧୫୯ |
| ଜନ୍ତୁଙ୍କ ଜୀବିକା ଓ ସ୍ଥାନ | ୧୬୦ |
| ବୁଦ୍ଧିମାନ୍‌ର କାର୍ଯ୍ୟ | ୧୬୧ |
| ପ୍ରଥମେ ଦରିଦ୍ର ଓ ପରେ ଧନୀ ହେଲେ ଭଲ | ୧୬୨ |
| ମନ୍ଦ ବସ୍ତୁର ନିନ୍ଦା | ୧୬୩ |
| କଣ ପ୍ରଥମେ ସୁଖ ଓ ପରେ ଦୁଃଖ ହୁଏ ? | ୧୬୪ |
| କେଉଁମାନେ ଶିକ୍ଷକର ଗୁଣଧାରକ ? | ୧୬୫ |
| ବିଦେଶ ପାଇଁ କଣ ସୁବିଧା ? | ୧୬୬ |
| କେଉଁଠାରେ ପଥ ଅବରୁଦ୍ଧ କରି ରହିବ ନାହିଁ ? | ୧୬୭ |
| କେଉଁ ସବୁ କାର୍ଯ୍ୟ ଦ୍ୱାରା ଶୀଘ୍ର ବୃଦ୍ଧାବସ୍ଥା ଆସିଥାଏ ? | ୧୬୮ |
| କେଉଁ ଲୋକ ଅପ୍ରିୟ ହୁଏ | ୧୬୯ |
| ନିଜ ଦୁର୍ଗୁଣ ବସ୍ତୁର କହିବ | ୧୭୦,୧୭୧ |
| କିପରି ଖେଳ ଖେଳିବ ନାହିଁ ? | ୧୭୨ |
| ବଳବାନ୍ ଲୋକଙ୍କୁ ବିରୁଦ୍ଧ କଥା କହିବ ନାହିଁ | ୧୭୩ |


Digitized by srujanika@gmail.com

ବିପଦ ସମୟରେ କିପରି ରହିବ ? ୧୭୪
ମକଦ୍ଦମା ବିଷୟର ୧୭୫
କେଉଁମାନେ ସମାଜର ଶତ୍ରୁ ? ୧୮୦
ସହଜ ମିତ୍ର କିଏ ? ୧୮୧
କାର୍ଯ୍ୟାଳୟ ସ୍ୱାମୀ ଓ ଗୃହ ସ୍ୱାମୀର ବ୍ୟବହାର ୧୮୨
କେଉଁ ମକଦ୍ଦମା ଶୀଘ୍ର ନିଷ୍ପତ୍ତି କରିବ ୧୮୩
କେଉଁ ଶାସକ ସୁଖୀ ହୁଅନ୍ତି ୧୮୪
କେଉଁ ଶାସକ ପଦଚ୍ୟୁତ ହୁଏ ୧୮୫
ସ୍ୱଦବଦ୍ଧତାର ପରିଣାମ ୧୮୬
ଧୂର୍ତ୍ତର ଆଚରଣ ୧୮୮
ବଡ଼ ଧନୀ କିପରି ହୋଇଥାନ୍ତି ୧୯୦-୧୯୧
ଯଥାର୍ଥ ଧର୍ମ କଣ ? ୧୯୨
ଉପାଦାନ ନ ଥାଇ କାର୍ଯ୍ୟ କଲେ ଦୁଃଖ ମିଳେ ୧୯୪
ଜୀବନରେ କାର୍ଯ୍ୟାରମ୍ଭ ଓ ସମାପ୍ତିର ଅବସ୍ଥା ୧୯୫
କାର୍ଯ୍ୟରେ କିପରି ବନ୍ଧୁ ପଡ଼େ ୧୯୬
ସୈନିକ ପ୍ରତି ବ୍ୟବହାର ୧୯୭,୧୯୮
କପଟି ସାହୁକାରର ଋଣ ପରିଶୋଧ କରିବ ନାହିଁ ୧୯୯
କେଉଁମାନଙ୍କୁ ଉପଦେଶ ଦିଆଯାଏ ନାହିଁ ୨୦୦
କପଟି ଲୋକ ସମ୍ପଦ ତ୍ୟାଗ କରେ ନାହିଁ ୨୦୧
ଶୁକ୍ରନୀତି ପଠନର ଫଳ ୨୦୨


—*—

Digitized by srujanika@gmail.com

# ଶୁକ୍ରନୀତି-ସାର

୧—ସର୍ବୋପଜୀବକଂ ନୀତିଶାସ୍ତ୍ରଂ ସ୍ୟାତ୍ ସର୍ବସମ୍ମତମ୍ ।
ଅତ୍ୟାବଶ୍ୟଂ ନୃପସ୍ୟାପି ସ ସର୍ବେଷାଂ ପ୍ରଭୁର୍ଯତଃ ॥

ନୀତିଶାସ୍ତ୍ର ମନୁଷ୍ୟ ପକ୍ଷରେ ଉପାଦେୟ ଅଟେ । ନୀତି ଶାସ୍ତ୍ରରେ, ପଟୁତା ଲାଭକରିଥିବା ବ୍ୟକ୍ତି ସବୁ କ୍ଷେତ୍ରରେ ଅତି ସହଜରେ ନିଜ ଅଭିଳାଷ ସାଧନ କରିଥାଏ । ନୀତିଶାସ୍ତ୍ର ସକଳ ଶାସ୍ତ୍ରର ସାରଭୂତ । ଏହା ରାଜା ବା ଶାସନତନ୍ତ୍ରର ମୁଖ୍ୟମାନଙ୍କ ପକ୍ଷରେ ନିତାନ୍ତ ଆବଶ୍ୟକ । ଯେହେତୁ ଜନସାଧାରଣଙ୍କର ସୁଖଦୁଃଖ ଶାସକଙ୍କର ବିଚାରଧାରାରେ ବନ୍ଧା ହୋଇଥାଏ ।

୨—ଯେ ପ୍ରିୟାଣି ପ୍ରଭାଷନ୍ତେ ପ୍ରିୟମିଚ୍ଛନ୍ତି ସତ୍କୃତମ୍ ।
ଶ୍ରୀମନ୍ତୋ ବନ୍ଦ୍ୟଚରିତାଃ ଦେବାସ୍ତେ ନର ବିଗ୍ରହାଃ ॥

ଯେଉଁମାନେ ସର୍ବଦା ପ୍ରିୟକଥା କହନ୍ତି ଏବଂ ଅନ୍ୟର ପ୍ରୀତି ସମ୍ପାଦନ କରିବାପାଇଁ ସତ୍କାର୍ଯ୍ୟ ସାଧନ କରନ୍ତି, ସେମାନେ ବିଭବଶାଳୀ ଓ ସମାଜର ପୂଜ୍ୟ ହୁଅନ୍ତି ଏବଂ ନରରୂପ ଦେବତା ବୋଲି ବିବେଚିତ ହୁଅନ୍ତି ।

Digitized by srujanika@gmail.com

୩—ନହ୍ୟାଦୃଶଂ ସଂବନନଂ ତ୍ରିଷୁ ଲୋକେଷୁ ବିଦ୍ୟତେ ।
ଦୟା ମୈତ୍ରୀ ଚ ଭୂତେଷୁ ଦାନଂ ଚ ମଧୁରା ଚ ବାକ୍ ॥

ପ୍ରାଣୀମାନଙ୍କଠାରେ ଦୟା କରିବା, ମନୁଷ୍ୟମାନଙ୍କ ସହ ବନ୍ଧୁତା ସ୍ଥାପନ କରିବା, ଯଥାଶକ୍ତି ଅନ୍ୟକୁ ସାହାଯ୍ୟ କରିବା, ଏ ସବୁଠାରୁ ବଳି ବଶୀକରଣର ଉପାୟ ସଂସାରରେ ଆଉ ନାହିଁ । ଯେଉଁ ଲୋକ ଏ ସବୁ କରିପାରେ, ସେ ସମସ୍ତଙ୍କର ପ୍ରୀତିଭାଜନ ହୁଏ ।

୪—ଶ୍ରୁତ ଆସ୍ତିକ୍ୟ ପୂତାତ୍ମା ପୂଜୟେତ୍ ଦେବତାଂ ସଦା
ଦେବତାବତ୍ ଗୁରୁଜନମ୍ ଆତ୍ମବଚ୍ଚ ସୁହୃଜ୍ଜନାନ୍ ॥

ବେଦାଦି ଶାସ୍ତ୍ରରୁ ଜ୍ଞାନାର୍ଜନ କରି ନିୟମିତ ରୂପେ ଦେବୋପାସନା କରିବ । ଗୁରୁଜନମାନଙ୍କୁ ଦେବତା ମନେ କରି ସେମାନଙ୍କର ଉପଯୁକ୍ତ ସତ୍କାର କରିବ ଏବଂ ମିତ୍ର ଓ ଅନ୍ୟାନ୍ୟ ବନ୍ଧୁବର୍ଗଙ୍କୁ ନିଜ ପରି ଭାବି ସମ୍ମାନ ଦେଖାଇବ ।

(ଆସ୍ତିକ—ଯେଉଁଲୋକ ଈଶ୍ୱର ଅଛନ୍ତି ଓ ଅନ୍ୟ ଜନ୍ମ ଅଛି ବୋଲି ବିଶ୍ୱାସ କରେ )

୫—ସଦ୍ଭାବେନ ହରେନ୍ମିତ୍ରଂ ସଦ୍ଭାବେନ ଚ ବାନ୍ଧବାନ୍ ।
ସ୍ତ୍ରୀ ଭୃତ୍ୟୌ ପ୍ରେମ ମାନାଭ୍ୟାଂ ଦାକ୍ଷିଣ୍ୟେ ନେତରଂଜନମ୍ ॥

ନିଜର ସାଧୁ ଏବଂ ସରଳ ବ୍ୟବହାର ଦ୍ୱାରା ମିତ୍ର ଓ ବନ୍ଧୁମାନେ ଆକୃଷ୍ଟ ହୋଇଥାନ୍ତି । ପ୍ରେମଦ୍ୱାରା ସ୍ତ୍ରୀ, ସଦୋଚିତଦ୍ୱାରା ଭୃତ୍ୟ ଏବଂ ଉଦାରତା ଦ୍ୱାରା ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବ ।

୬—ମାତୃଣାଂ ପିତୃଣାଂ ଚୈବ ପୂଜ୍ୟାନାଂ ବିଦୁଷାମପି ।
ନାବମାନଂ ନୋପହାସଂ କୁର୍ଯ୍ୟାତ୍ ସଦ୍ବୃତ୍ତଶାଳିନାମ୍ ॥

ପିତା, ମାତା, ପୂଜ୍ୟ ଗୁରୁଜନ, ଜ୍ଞାନୀ, ଏମାନଙ୍କୁ ଅପମାନିତ କରିବନାହିଁ ; କିମ୍ବା ଉପହାସ କରିବନାହିଁ । ଏହା ଶିଷ୍ଟାଚାରର ବିରୁଦ୍ଧ

Digitized by srujanika@gmail.com

ଅଟେ । ଏଣୁ ଶିଷ୍ଟାଚାର ପାଳନକରିବା ଲୋକ ଏହା କେବେ ହେଲେ କରେ ନାହିଁ ।

୭—ନ ଭେଦଂ ଜନୟେସ୍ତୁ ର୍ବୈ ନୃନାର୍ଯ୍ୟୋଃ ସ୍ୱାମୀଭୃତ୍ୟୟୋଃ ।
ଭ୍ରାତୃଣାଂ ଗୁରୁଶିଷ୍ୟାଣାଂ ନ କୁର୍ଯ୍ୟାତ୍ ପିତୃ ପୁତ୍ରୟୋଃ ॥

ସ୍ତ୍ରୀ ପୁରୁଷ ମଧ୍ୟରେ (ପତି-ପତ୍ନୀ ମଧ୍ୟରେ) ପ୍ରଭୁ ସେବକ ମଧ୍ୟରେ, ଭାଇ-ଭାଇ ମଧ୍ୟରେ ଗୁରୁ-ଶିଷ୍ୟ ମଧ୍ୟରେ, ପିତା-ପୁତ୍ର ମଧ୍ୟରେ, କଳହ ସୃଷ୍ଟି କରାଇବା କିମ୍ବା ମତଭେଦ ଜନ୍ମାଇବା ଅନୁଚିତ । ଯଦି ତୃତୀୟ ପକ୍ଷ ଦ୍ୱାରା ଏମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୁଏ, ତେବେ ସମାଜର ଘୋର କ୍ଷତି ଘଟେ ।

୮—ନବ ସମାଜ ନିୟମଂ ନିର୍ତ୍ତ୍ରୟଂ ଜାତୁ ଦୂଷଣମ୍ ।
ଅସ୍ୱାମୀ ନାସ୍ତିକ ଧନଂ ସଂଗ୍ରହଂ ମନ୍ତ୍ର ଭେଦନମ୍ ॥

ଯେପରି ରାଜା ନୂତନ ଭାବେ କୌଣସି ସମାଜବିରୋଧୀ ନିୟମ ପ୍ରଣୟନ କଲେ ସମାଜର ଅପ୍ରିୟ ହୋଇଥାନ୍ତି, ସେପରି ଉତ୍ତରାଧିକାରୀ ନ ଥିବା ସମ୍ପତ୍ତିର ଅପହରଣ କଲେ, ଦୁରାଚାରୀଠାରୁ ଧନ ସଂଗ୍ରହ କଲେ, ରାଷ୍ଟ୍ରର ଗୁପ୍ତତଥ୍ୟ ଅନ୍ୟଙ୍କ ପ୍ରକାଶ କଲେ, ପ୍ରଜା ମଧ୍ୟ ରାଜାଙ୍କର ଅପ୍ରିୟ ହୋଇଥାଏ ।

୯—କୂଟସାକ୍ଷ୍ୟଂ କୂଟଲେଖ୍ୟମ୍ ଅପ୍ରକାଶ ପ୍ରତିଗ୍ରହମ୍
ନିର୍ଦ୍ଧାରିତ କରାଧିକ୍ୟଂ ସ୍ତେୟଂ ସାହସ ମେବଚ ॥

ମିଥ୍ୟା ସାକ୍ଷ୍ୟ ଦେବା, ଜାଲିଆତି କରି ଜଣକର ବିପକ୍ଷରେ ଲେଖିବା, ଉତ୍କୋଚ (ଲାଞ୍ଚ) ଗ୍ରହଣ କରିବା, ନିର୍ଦ୍ଧାରିତ କରଠାରୁ ଅଧିକ କର ଆଦାୟ କରିବା; ଚୋରି କରିବା, ପରିଣାମ ବିଚାର ନ କରି କାର୍ଯ୍ୟ କରିବା, ଏ ସବୁତକ ରାଜକର୍ମଚାରୀମାନଙ୍କର ଅକରଣୀୟ ଅଟେ ।

Digitized by srujanika@gmail.com

୧୦—ସଂରକ୍ଷଣେ ସଂହରଣେ ସୁପ୍ରଯତ୍ନୋ ଭବେତ୍ ସଦା ।
ଶୌର୍ଯ୍ୟଂ ପାଣ୍ଡିତ୍ୟ ବକ୍ତୃତ୍ୱଂ ଦାତୃତ୍ୱଂ ନତ୍ୟଜେତ୍ କ୍ୱଚିତ୍ ॥

ବିପଦରେ ପଡ଼ିଥିବା ଲୋକଙ୍କୁ ରକ୍ଷା କରିବାପାଇଁ ଏବଂ ନ୍ୟାଯ୍ୟ ଦାବୀ ହାସଲ କରିବା ପାଇଁ, ସର୍ବଦା ଯତ୍ନଶୀଳ ହେବା ଉଚିତ ! ବୀରତ୍ୱ, ବିଦ୍ୱତ୍ତାପୂର୍ଣ୍ଣ ବକ୍ତୃତା, ଦାନଶୀଳତା ଏ ସବୁ ଗୁଣ କଦାପି ପରିତ୍ୟାଗ କରିବା ଉଚିତ ନୁହେ ।

୧୧—ବିମୁଖଃ ପରଦାରେଷୁ କୁଲକନ୍ୟା ପ୍ରଦୂଷଣେ ।
ପୁତ୍ରବତ୍ ପାଲିତାଃ ଭୃତ୍ୟାଃ ସମୟେ ଶତ୍ରୁତାଂ ଗତାଃ ॥

ପରସ୍ତ୍ରୀର ସମ୍ଭୋଗ ଇଚ୍ଛା କେବେହେଁ କରିବ ନାହିଁ । କୁଳରେ ଥିବା କନ୍ୟାର ସତୀତ୍ୱ ନଷ୍ଟ କରିବ ନାହିଁ । ଏପରି ଆଚରଣ କଲେ ପୁଅ ପରି ଆଦର ସ୍ନେହ ପାଉଥିବା ଚାକର ଚାକରମାନେ ବୁଢ଼ା ସମୟରେ ଶତ୍ରୁ ପାଲଟି ଥାନ୍ତି ।

୧୨—ପୁରୁଷେ ପୁରୁଷେ ଭିନ୍ନଂ ଦୃଶ୍ୟତେ ବୁଦ୍ଧି ବୈଭବମ୍ ।
ଆପ୍ତବାକ୍ୟୈ ରନୁଭବୈ ରାଗମୈ ରନୁମାନତଃ ॥

କୌଣସି ମକଦ୍ଦମା ବିଚାର ବେଳେ ମନେ ରଖିବାକୁ ହେବ ଯେ, ପ୍ରତ୍ୟେକ ଲୋକର ବିଚାରବୁଦ୍ଧି ସ୍ୱତନ୍ତ୍ର ଅଟେ । ଆପ୍ତ ବାକ୍ୟ (ଆପ୍ତୋପଦେଶ) ଦ୍ୱାରା, ନିଜର ଅନୁଭବଦ୍ୱାରା ଶାସ୍ତ୍ରଦ୍ୱାରା (ଧର୍ମଶାସ୍ତ୍ର) ଏବଂ ଅନୁମାନ ଦ୍ୱାରା ମକଦ୍ଦମାର ବିଷୟ ବୁଝି ସ୍ଥିର କରିବ ।

୧୩—ପୁତ୍ରସ୍ୟ ପିତୃବାକ୍ୟମପି ପରମଂ ଭୂଷଣଂ ସ୍ମୃତମ୍ ।
ଭାର୍ଗବେଣ ହତା ମାତା ରାଘବେଣ ବନଂ ଗତମ୍ ॥

ପିତାଙ୍କର ଆଦେଶ ଭଲ ବା ମନ୍ଦ ହେଉ ତାହା ପୁତ୍ରର ଭୂଷଣ ଅଟେ । ଯେପରିକି ପରଶୁରାମ ପିତାଙ୍କର ଆଦେଶ ପାଳନ କରି ମାତାଙ୍କୁ ବଧ କରିଥିଲେ ଏବଂ ରାମଚନ୍ଦ୍ର ବନବାସ କଷ୍ଟକୁ ବରଣ କରିଥିଲେ ।

Digitized by srujanika@gmail.com

୧୪—ସୋଦରେଷୁ ଚ ସର୍ବେଷୁ ସ୍ୱସ୍ୟାଧିକ୍ୟଂ ନ ଦର୍ଶୟେତ୍ ।
ଭାଗାର୍ହ ଭ୍ରାତୃଣାଂ ନଷ୍ଟୋ ହ୍ୟବମାନାତ୍ ସୁଯୋଧନଃ ॥

ସହୋଦର ଭାଇମାନଙ୍କ ମଧ୍ୟରେ ନିଜକୁ ବଡ଼ ମନେ କରି କେବେ ହେଲେ ଗର୍ବ କରିବ ନାହିଁ, କିମ୍ବା ଭାଗ ପାଇବାର ହକ୍‌ଦାର ଭାଇମାନଙ୍କୁ ଭାଗ ନ ଦେଇ ସେମାନଙ୍କ ସହ କଳହ ମକଦ୍ଦମା ଇତ୍ୟାଦି କରିବ ନାହିଁ । ପ୍ରବଳ ପରାକ୍ରମୀ ରାଜା ଦୁର୍ଯ୍ୟୋଧନ ଭାଇମାନଙ୍କୁ ଭାଗ ନ ଦେଇ ଅପମାନ ଦେବାରୁ ପରିଣାମରେ ନିଜେ ବିନଷ୍ଟ ହେଲା ।

୧୫—କର୍ମଣା ସହବାସେନ ଗୁଣୈଃ ଶୀଳ କୁଳାଦିଭିଃ ।
ଭୃତ୍ୟଂ ପରୀକ୍ଷ୍ୟ ନିତ୍ୟଂ ବିଶ୍ୱାସଂ ବିଶ୍ୱସେତ୍ତଦା ॥

କୌଣସି କର୍ମଚାରୀ ବା ଭୃତ୍ୟକୁ ନୂତନଭାବେ ନିଯୁକ୍ତ କରିବାକୁ ହେଲେ ତାହାକୁ ନିଜପାଖରେ ରଖି ତାର କାର୍ଯ୍ୟ, ସାହସିକତା, ଆଚରଣ, କୌଳିକ ବ୍ୟବହାର, ଏ ସବୁ ପ୍ରତିଦିନ ପରୀକ୍ଷା କରିବ । ପରୀକ୍ଷା କଲା ପରେ ଯଦି ବିଶ୍ୱାସର ପାତ୍ରବୋଲି ବୋଧହୁଏ, ତେବେ ତାଠାରେ ବିଶ୍ୱାସ ସ୍ଥାପନ କରି କାର୍ଯ୍ୟରେ ନିଯୁକ୍ତ କରିବ ।

୧୬—ଧର୍ମଶୀଳ ଗୁଣାଃ ତଥା ଜାତିକୁଳଂ ନହି ।
ନ ଜାତ୍ୟା ନ କୁଲେନୈବ ଶ୍ରେଷ୍ଠତ୍ୱଂ ପ୍ରତିପଦ୍ୟତେ ॥

ଯେ କୌଣସି ଲୋକ ସଂସାରରେ, ସତ୍‌କାର୍ଯ୍ୟ, ସଦାଚରଣ ଓ ସୁଗୁଣ ଦ୍ୱାରା ପୂଜା ପାଇଥାଏ । କିନ୍ତୁ ଉଚ୍ଚକୁଳରେ ଜନ୍ମ ହୋଇଛି ବୋଲି କିମ୍ବା ଉଚ୍ଚ ଜାତୀୟ ଲୋକ ବୋଲି କେହି କେବେ ପୂଜା ପାଏ ନାହିଁ ।

Digitized by srujanika@gmail.com

୧୭—ଅଦ୍ଧାର୍ଘ ସୁତଃ ସତ୍‌କାର୍ଯ୍ୟେ ହ୍ୟସତ୍‌କାର୍ଯ୍ୟେ ଶରକ୍ରିୟଃ
ନ ତଦ୍‌ଭାର୍ଯ୍ୟା ସୁତମିତ୍ର ଛିଦ୍ରଦର୍ଶୀ କଦାଚନ ॥

ରାଜ କର୍ମଚାରୀ ଯଦି ସତ୍‌କାର୍ଯ୍ୟ କରିବା ପାଇଁ ରାଜାଦେଶ ପାଇଥାନ୍ତି, ତାହେଲେ ସେ ତାକୁ ଶୀଘ୍ର କାର୍ଯ୍ୟରେ ପରିଣତ କରିବା ଉଚିତ । କିନ୍ତୁ ଅସତ୍‌କାର୍ଯ୍ୟ (ପ୍ରାଣଦଣ୍ଡ ଇତ୍ୟାଦି) କରିବା ପାଇଁ ଆଦେଶ ପାଇଥିଲେ ତାକୁ ବିଳମ୍ବରେ କରିବ । ରାଜା ବା ଉପର ଅଫିସରଙ୍କ ସ୍ତ୍ରୀ, ପୁତ୍ର, ମିତ୍ର ପ୍ରଭୃତିଙ୍କର ଦୋଷ ବାଛିବା ଉଚିତ ନୁହେ ।

୧୮—ନିରାଳସାଃ ଜିତକ୍ରୋଧ-କାମ-ଲୋଭାଃ ପ୍ରିୟମ୍ବଦାଃ ।
ସଭ୍ୟାଃ ସଭାସଦଃ କାର୍ଯ୍ୟାଃ ବୃଦ୍ଧାଃ ସର୍ବାସୁ ଜାତିଷୁ ॥

ମହର୍ଷି ଶୁକ୍ରାଚାର୍ଯ୍ୟଙ୍କ ମତରେ ରାଜ୍ୟ ସଭା ବା ରାଜସଭାର ସଭ୍ୟ ନିଯୁକ୍ତ କରିବାକୁ ହେଲେ ସଭ୍ୟପଦ ପାଇଁ ପ୍ରାର୍ଥୀ ହେବା ବ୍ୟକ୍ତିର ଯେଉଁ ସବୁ ଯୋଗ୍ୟତା ଥିବା ଆବଶ୍ୟକ, ତାହା ଏହି ଶ୍ଳୋକରେ କହିଛନ୍ତି । ଯାହାଙ୍କଠାରେ ଆଳସ୍ୟ ନ ଥିବ, ଯେ କ୍ରୋଧୀ ନୁହନ୍ତି, ଯାହାଙ୍କର ସ୍ୱାର୍ଥପର ଅଭିଳାଷ ନାହିଁ, ଅନ୍ୟାୟରେ ପରର ଧନ ଗ୍ରହଣ କରିବା ପାଇଁ ଯାହାଙ୍କର ଲୋଭ ନ ଥାଏ ଏବଂ ପ୍ରାପ୍ତବୟସ୍କ ଏପରି ସଭ୍ୟ ସମସ୍ତ ଜାତିରୁ ନିଯୁକ୍ତ କରିବ ।

ଆଜିକାଲି ଯେଉଁ ରାଜ୍ୟ ବିଧାନସଭା ମେମ୍ବର ବା ପାର୍ଲିଆମେଣ୍ଟ ମେମ୍ବର ନିର୍ବାଚନରେ ଆମ୍ଭେମାନେ ଭୋଟ ଦେଉଁ, ଉକ୍ତ ମେମ୍ବର-ମାନଙ୍କର ମଧ୍ୟ ଉପଯୁକ୍ତ ଯୋଗ୍ୟତା ଥିବା ଆବଶ୍ୟକ । ଦେଶର ଓ ଜାତିର କଲ୍ୟାଣ ପାଇଁ ମେମ୍ବର ବାଛିବାରେ ଉକ୍ତ ଯୋଗ୍ୟତା ପ୍ରତି ଦୃଷ୍ଟି ଦେବାକୁ ହେବ ।

Digitized by srujanika@gmail.com

୧୯—ହିଂସା ପରସ୍ତ୍ରୀ ସଙ୍ଗଃପାଟପଟଭ୍ୟାନୃତ ଭାଷଣମ୍ ।
ପରୀସ୍ପୃତର ଏତାଭ୍ୟାଂ ଯୁକ୍ତାନ୍ ଭୃତ୍ୟାନ୍ ନ ଧାରଯେନ୍ନୃପ ॥

ସବୁଠାରୁ ଗୁରୁତର ପାପ ହେଉଛି ହିଂସା କରିବା । ମିଥ୍ୟା ଭାଷଣ ମଧ୍ୟ ହିଂସାଠାରୁ ଅଧିକ ପାପ । ଏଣୁ ହିଂସା ପରାୟଣ ଓ ମିଥ୍ୟାବାଦୀ ଭୃତ୍ୟ ବା କର୍ମଚାରୀମାନଙ୍କୁ ନିଜ କାର୍ଯ୍ୟରେ କେବେ ହେଲେ ନିଯୁକ୍ତ କରିବ ନାହିଁ ।

୨୦—ପ୍ରବୀଣେଶାଚିତ ମେଧାବୀ ବର୍ଜଯେତ୍ ଦାଭିମାନତାମ୍ ।
ଅପଦୁଷ୍ଟମାର୍ଗ ଗମନେ କାର୍ଯ୍ୟକାଲାତ୍ୟଯେତ୍ନୃପ ॥

୨୧—ଅପୃଷ୍ଟୋଽପି ହିତାନ୍ୱେଷୀ ବ୍ରୁୟାତ୍ କଲ୍ୟାଣ ଭାଷିତମ୍ ।
ପ୍ରିୟଂ ତଥ୍ୟଂଚ ପଥ୍ୟଂଚ ବଦେତ୍ ଧର୍ମାର୍ଥଙ୍ଗ ବଚଃ ॥

ଶାସ୍ତ୍ରରେ ଅଛି "ନା ପୃଷ୍ଟଃ କସ୍ୟଚିତ୍ ବ୍ରୁୟାତ୍" ( ବିନା ପ୍ରଶ୍ନରେ କାହାକୁ କିଛି କହିବ ନାହିଁ ) କିନ୍ତୁ କେଉଁ ସମୟରେ ଓ କିପରି ଅବସ୍ଥାରେ ଥିବା ଲୋକଙ୍କୁ ନ ପଚାରିଲେ ମଧ୍ୟ କହିବା ଉଚିତ, ଶାସ୍ତ୍ରକାର ଏଠାରେ ତାହା ଦର୍ଶାଇ ଅଛନ୍ତି । ଯାହା ବ୍ୟକ୍ତି ହୃଦୟରୁ ଅଭିମାନ ତ୍ୟାଗ କରି ବିପଦୋନ୍ମୁଖୀ, ଉନ୍ମାର୍ଗଗାମୀ, ଯାହାର କାର୍ଯ୍ୟକାଳ ଗଡ଼ି ଯାଉଛି ଏମାନଙ୍କୁ ବିନା ପ୍ରଶ୍ନରେ ସେମାନଙ୍କର ହିତକର କଥା କହିବ । ଯେ କୌଣସି ଲୋକଙ୍କୁ ତାର ହିତୈଷୀ ବନ୍ଧୁ ବିନା ପ୍ରଶ୍ନରେ ସତ୍ୟ, ପ୍ରିୟ, ଉପାଦେୟ ଓ ଧର୍ମଯୁକ୍ତ କଥା କହି ପାରିବେ ।

( ଉଚିତ—ଏଠାରେ ଯଥାର୍ଥ ବା ଉପଯୁକ୍ତ )

୨୨—ପରାର୍ଥଂ ଦେଶକାଳଜ୍ଞୋ ଦେଶେ କାଲେ ଚ ସାଧୟେତ୍ ।
ପରାର୍ଥ ନାଶନଂ ନସ୍ୟାତ୍ ତଥା ବ୍ରୁୟାତ୍ ସଦୈବହି ॥

ରାଜ କର୍ମଚାରୀ ସ୍ଥାନ ଓ ସମୟ ବିବେଚନା କରି ପରର ହିତ ପାଇଁ କାର୍ଯ୍ୟ କରିବାକୁ ପଶ୍ଚାତ୍ପଦ ନହେବା ଅନୁଚିତ । ରାଜା ଉପର

Digitized by srujanika@gmail.com

କର୍ତ୍ତୃପକ୍ଷ (ଅଫିସର)ଙ୍କ ଆଗରେ ପରର ଅନିଷ୍ଟ ବା ଅପକାର ହେଲ ପରି କିଛି କହିବ ନାହିଁ ।

୨୩—ଯତ୍‌କାର୍ଯ୍ୟେ ଯୋ ନିଯୁକ୍ତଃ ସ୍ୟାତ୍ ଭୂୟାତ୍ ତତ୍‌କାର୍ଯ୍ୟ ତତ୍ପରଃ
ନାନ୍ୟାଧିକାର ମନ୍ୱିଚ୍ଛେତ୍ ନାଭ୍ୟସୂୟାତ କେନଚିତ୍ ॥

ଯେ ଯେଉଁ କାର୍ଯ୍ୟ କରିବା ପାଇଁ ନିଯୁକ୍ତ ହୋଇଥିବ, ସେହି କାର୍ଯ୍ୟରେ ସେ ତତ୍ପର ରହିବା ଉଚିତ । ଅନ୍ୟର ଅଧିକାରକୁ ଅପକୌଶଳ ବା ଷଡ଼ଯନ୍ତ୍ର ଦ୍ୱାରା ପାଇବା ପାଇଁ ଇଚ୍ଛୁକ ହେବା ଉଚିତ ନୁହେ । ଅନ୍ୟର କାର୍ଯ୍ୟ ପ୍ରତି ଦୋଷାରୋପ କରିବା ମଧ୍ୟ ନିନ୍ଦନୀୟ ଅଟେ ।

୨୩—ପରୋପକରଣାଦନ୍ୟତ୍ ନସ୍ୟାତ୍ ମିତ୍ରକରଂ ସଦା ।
କରିଷ୍ୟାମୀତି ତେ କାର୍ଯ୍ୟଂ ନ କୁର୍ଯ୍ୟାତ୍ କାର୍ଯ୍ୟ ଲମ୍ବନମ୍ ॥

ଯେ ପରର ଉପକାର କରେ ସେ ସମସ୍ତ ଜଗତର ମିତ୍ର ଅଟେ । ଜଗତ୍ ତାଂପ୍ରତି ସନ୍ତୁଷ୍ଟ ରହେ । ପରର ଉପକାରଠାରୁ ବଳି ମୈତ୍ରୀକରଣର ଶ୍ରେଷ୍ଠ ଉପାୟ ଆଉ ନାହିଁ । ଏଣୁ ସର୍ବଦା ପରର ଉପକାର କରିବା ପାଇଁ ଚେଷ୍ଟା କରିବ; କିନ୍ତୁ ମୁଁ ତୁମର କାର୍ଯ୍ୟ କରିବି ବୋଲି କହି କାହାକୁ ଠକିବ ନାହିଁ ।

୨୫—ଦ୍ରାକ୍ କୁର୍ଯ୍ୟାଜ୍ଞ ସମର୍ଥଶ୍ଚେତ୍ ସାଂଶଂ ଦୀର୍ଘଂ ନରକ୍ଷୟେତ୍ ।
ଗୁହ୍ୟଂ କର୍ମଚ ମନ୍ତ୍ରଂଚ ନ ଭର୍ତ୍ତୁଃ ସଂ ପ୍ରକାଶୟେତ୍ ॥

ଅନ୍ୟର କାର୍ଯ୍ୟ ଯଦି କରିବାପାଇଁ ନିଜହାତକୁ ନେଇଛ, ତେବେ ଯଥାସମ୍ଭବ ତାକୁ ଶୀଘ୍ର ସମାପ୍ତ କର । ଅସମାପ୍ତ ଅବସ୍ଥାରେ ବହୁଦିନ ଯାଏ ବାକି ରଖ ନାହିଁ । ରାଜା ବା ଶାସନତନ୍ତ୍ରର ଗୋପନୀୟ ତଥ୍ୟ, ଗୁପ୍ତକାର୍ଯ୍ୟ ଓ ଗୋପନୀୟ ମନ୍ତ୍ରଣା ସାଧାରଣରେ ପ୍ରକାଶ କରିବ ନାହିଁ ।

Digitized by srujanika@gmail.com

୨୬—ଅପ୍ରଧାନଃ ପ୍ରଧାନଃସ୍ୟାତ୍ କାଲେ ଭୃତ୍ୟନ୍ତ ସେବନାତ୍ ।
ପ୍ରଧାନୋଽପ୍ୟପ୍ରଧାନଃସ୍ୟାତ୍ ସେବାଳସ୍ୟାଦନା ଯତଃ ॥

ସାଧାରଣ ଲୋକ ମଧ୍ୟ ଉପଯୁକ୍ତ ସମୟରେ ବହୁକାର୍ଯ୍ୟ କରିବାଦ୍ୱାରା ପ୍ରସିଦ୍ଧ ବ୍ୟକ୍ତିରୂପେ ବିବେଚିତ ହୋଇଥାଏ । ଖ୍ୟାତନାମା ବ୍ୟକ୍ତି ମଧ୍ୟ ଉପଯୁକ୍ତ ସମୟରେ କାର୍ଯ୍ୟ ନ କରି ନିଜର ସୁଖ୍ୟାତି ହରାଇଥାନ୍ତି । ଯେଉଁ ଲୋକ ଉପଯୁକ୍ତ ସମୟରେ ସେବା ନ କରି ଆଳସ୍ୟପରାୟଣ ହୁଅନ୍ତି, ସେ ଯେତେ ଖ୍ୟାତିସମ୍ପନ୍ନ ହେଲେ-ମଧ୍ୟ ଲୋକେ ତାଙ୍କୁ ବଡ଼ବୋଲି ମନେ କରନ୍ତି ନାହିଁ ।

୨୭—ନ ଦର୍ଶୟେତ୍ତୁ ସ୍ୱାଧିକାର ଗୌରବଂ ତୁ କଦାଚନ ।
ପରସ୍ପରଂ ନାଭ୍ୟସୂୟୁଃ ନ ଭେଦଂ ପ୍ରାପ୍ନୁୟୁଃ କଦା ॥

ରାଜକର୍ମଚାରୀ ବା ଅଫିସରମାନଙ୍କ ମଧ୍ୟରେ ଯେ ବଡ଼ଥାଏ, ସେ ନିଜର ଅଧିକାର ଓ ବଡ଼ିମା ସହକର୍ମୀମାନଙ୍କ ମଧ୍ୟରେ ଦେଖାଇବା ଉଚିତ ନୁହେ । ପରସ୍ପର ମଧ୍ୟରେ ଦୋଷାରୋପ କରିବା ଅନୁଚିତ । ମନୋମାଳିନ୍ୟ କିମ୍ବା ମତାନ୍ତର ସୃଷ୍ଟି କରି ନିଜର ଏକତା ହରାଇବ ନାହିଁ ।

୨୮—ନ ବୋଧୟନ୍ତି ଚ ହିତମ୍ ଅହିତଂ ସ୍ୱାଧିକାରିଣଃ ।
ପ୍ରଚ୍ଛନ୍ନ ବୈରିଣ ସ୍ତେତୁ ଦାସ୍ୟରୂପ ମୁପାଶ୍ରିତାଃ ॥

ଯେଉଁ ଭୃତ୍ୟମାନେ ପ୍ରଭୁର ହିତ ଓ ଅହିତ କଥା ଜାଣି ଶୁଣି ପ୍ରଭୁଙ୍କଠାରେ ପ୍ରକାଶ କରନ୍ତି ନାହିଁ, ସେମାନଙ୍କୁ ଗୁପ୍ତଶତ୍ରୁ ବୋଲି ଜାଣିବ । ସମୟ ଓ ସୁବିଧାପାଇଲେ ସେମାନେ ପ୍ରଭୁର ଅନିଷ୍ଟ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ ।

Digitized by srujanika@gmail.com

୨୯—ହିତାହିତଂ ନ ଶୃଣୋତି ରାଜା ମନ୍ତ୍ରୀ ମୁଖାତ୍ ଯଃ ।
ସ ଦସ୍ୟୁ ରାଜରୂପେଣ ପ୍ରଜାନାଂ ଧନହାରକଃ ॥

ଯେଉଁ ରାଜା ମନ୍ତ୍ରୀମାନଙ୍କଠାରୁ ପ୍ରଜାମାନଙ୍କର ହାନିଲାଭ କଥା ନ ଶୁଣି, ମନଇଚ୍ଛା ଶାସନ କରେ, ସେହି ରାଜା, ରାଜା ନୁହେଁ, ଦସ୍ୟୁ ଅଟେ ଏବଂ ପ୍ରଜାମାନଙ୍କର ଧନ ଶୋଷଣ କରିବା ପାଇଁ ରାଜ-ଗାଦିରେ ବସିଥାଏ ।

୩୦—ସେବା ଶୌର୍ଯ୍ୟାଦି ସନ୍ତୁଷ୍ଟଂ ଦତ୍ତଂ ଯତ୍ ପାରିତୋଷିକମ୍ ।
ଭୃତ୍ୟରୂପେଣ ଯଦ୍ଦତ୍ତଂ ବେତନଂ ତତ୍ ପ୍ରକୀର୍ତ୍ତିତମ୍ ॥

ସେବା ଓ ବୀରତ୍ୱ ଦ୍ୱାରା ସନ୍ତୁଷ୍ଟ ହୋଇ ଯାହା ଦିଆଯାଏ, ତାହାକୁ ପାରିତୋଷିକ କହନ୍ତି । ଯାହା ନିଜର ଓ ପରିବାରବର୍ଗର ଭରଣ ପୋଷଣ ନିମିତ୍ତ ଦିଆଯାଏ, ତାହାକୁ ବେତନ କହନ୍ତି ।

୩୧—ଯେଭୃତ୍ୟାଃ ହୀନଭୃତକାଃ ଶତ୍ରବସ୍ତେ ସ୍ୱୟଂକୃତାଃ ।
ପରସ୍ୟ ସାଧକାସ୍ତେତୁ ଛିଦ୍ରକୋଷ ପ୍ରଜାହରାଃ ॥

ରାଜ୍ୟର କର୍ମଚାରୀମାନଙ୍କୁ କାର୍ଯ୍ୟ ତୁଳନାରେ କମ୍ ବେତନ ଦେଲେ, ସେମାନଙ୍କ ମନରେ ଅସନ୍ତୋଷ ଜାତହୁଏ ଏବଂ ସେହି ଅସନ୍ତୋଷ ଦ୍ୱାରା ସେମାନେ ରାଷ୍ଟ୍ରର ଶତ୍ରୁରୂପେ ଠିଆ ହୋଇଥାନ୍ତି । ସୁବିଧା ଓ ସୁଯୋଗ ପାଇଲେ ଶତ୍ରୁପକ୍ଷକୁ ସାହାଯ୍ୟ କରି ରାଜ୍ୟରେ ବିପ୍ଳବ ସୃଷ୍ଟି କରାନ୍ତି ଏବଂ ରାଜକୋଷପ୍ରଭୃତି ଅପହରଣ କରନ୍ତି । ଅତଏବ ଯେଉଁ ରାଜା କାର୍ଯ୍ୟ ଅନୁପାତରେ କର୍ମଚାରୀମାନଙ୍କୁ ଅତ୍ୟଳ୍ପ ବେତନ ଦିଅନ୍ତି, ସେ ନିଜେ ନିଜର ଶତ୍ରୁ ତିଆରି କରନ୍ତି ।

Digitized by srujanika@gmail.com

୩୨—ଭୃତଦାନେନ ସନ୍ତୁଷ୍ଟାଃ ମାନେନ ପରିବର୍ଦ୍ଧିତାଃ
ସାନ୍ତ୍ୱିତାଃ ମୃଦୁବାଗ୍ଭିଶ୍ଚ ତ୍ୟଜନ୍ତ୍ୟଧିପଂ ନହି ।।

ଯେଉଁ କର୍ମଚାରୀଗଣ ନିଜର ବେତନଦ୍ୱାରା ପରିତୁଷ୍ଟ ହୋଇଥାନ୍ତି ଏବଂ କାଳକ୍ରମେ ପଦୋନ୍ନତି ଲାଭକରୁଥାନ୍ତି, ଯେଉଁମାନଙ୍କ ପ୍ରତି କଠୋର ବାକ୍ୟ ବ୍ୟବହୃତ ହୁଏ ନାହିଁ, ସେମାନେ ପ୍ରଭୁଙ୍କୁ କେବେହେଲେ ପରିତ୍ୟାଗ କରନ୍ତି ନାହିଁ ।

୩୩—କ୍ଷମୟା ପ୍ରଣିପାତେନ ମାନେନାଭ୍ୟୁଗମେନଚ ।
ସତ୍କାରେଣ ଚ ଜ୍ଞାନେନ ହ୍ୟାଦରେଣ ଶମେନ ଚ ।।

୩୪— ପ୍ରେମ୍ଣା ସମୀପ ବାସେନ ସ୍ୱାର୍ଦ୍ଧାସନ ପ୍ରଦାନତଃ ।
ସମ୍ପୂର୍ଣ୍ଣାସନ ଦାନେନ ସ୍ତୁତ୍ୟୁପକାର କୀର୍ତ୍ତନାତ୍ ।।

କ୍ଷମାଦେବା, ପ୍ରଣାମ କରିବା, ସମ୍ମାନ ଦେଖାଇବା, ସ୍ୱାଗତ ଜଣାଇବା, ସତ୍କାର କରିବା, ଜ୍ଞାନରେ ଆଗ୍ରହ ପ୍ରକାଶ କରିବା, ଆଦର କରିବା, ସାନ୍ତ୍ୱନା ଦେବା, ସ୍ନେହ ପ୍ରଦର୍ଶନ କରିବା, ନିକଟରେ ବାସକରିବା ପାଇଁ ପ୍ରଶ୍ରୟଦେବା, ସମୟ ବିଶେଷରେ ନିଜ ଆସନର ଅର୍ଦ୍ଧାଂଶ ବସିବା ପାଇଁ ଛାଡ଼ିଦେବା, ଆସନ ଦେବା, ପ୍ରଶଂସା କରିବା, କରିଥିବା ଉପକାରକୁ ବାରମ୍ବାର ପ୍ରକାଶ କରିବା, ରାଜାଙ୍କର ଏସବୁ ବ୍ୟବହାର ଦ୍ୱାରା କର୍ମଚାରୀମାନେ ଅନୁରକ୍ତ ହୋଇଥାନ୍ତି । (ରାଜାଙ୍କଠାରେ କର୍ମଚାରୀମାନଙ୍କର ଭକ୍ତି ଓ ଶ୍ରଦ୍ଧା ଜନ୍ମିଥାଏ ।

୩୫—ସୁଖଂଚ ନ ବିନାଧର୍ମାତ୍ ତସ୍ମାତ୍ ଧର୍ମପରୋ ଭବେତ୍ ।
ତ୍ରିବର୍ଗ ଶୂନ୍ୟଂ ନାରମ୍ଭଂ ଭଜେତ୍ତା ବିରୋଧଯୁକ ।।

ସଂସାରରେ ଧର୍ମ ବିନା ସୁଖପ୍ରାପ୍ତି ହୁଏ ନାହିଁ । ଅଧର୍ମ କାର୍ଯ୍ୟଦ୍ୱାରା ବ୍ୟକ୍ତିଗତଭାବେ ସୁଖଲାଭ ହେଲେ ମଧ୍ୟ ତାହା ଦେଶ ଓ ଜାତି ପକ୍ଷରେ ଘୋର ଅନିଷ୍ଟକାରୀ । ଏଣୁ ଅଧର୍ମଦ୍ୱାରା ବା ଅସାଧୁ

Digitized by srujanika@gmail.com

ଉପାୟରେ ଧନ ସଂଗ୍ରହ କରିବ ନାହିଁ କିମ୍ବା ନିଜର ଅଭିଳାଷ ପୂରଣ କରିବ ନାହିଁ । ସର୍ବଦା ଧର୍ମକୁ ଆଗରେ ରଖି ସାଧୁ ଉପାୟରେ ଧନାର୍ଜନ କରିବ । ତାହାହେଲେ ନିଜକୁ ସୁଖୀ କରି ଦେଶ ଓ ଜାତିର ମଧ୍ୟ କଲ୍ୟାଣସାଧନ କରିପାରିବ ।

୩୭—ଅନୁଯାୟାତ୍ ପ୍ରତିପଦଂ ସର୍ବଂ ଧର୍ମେଷୁ ମଧ୍ୟମଃ ।
ନିତରୋମ ନଖ-ଶ୍ମଶ୍ରୁ ନିର୍ମଳାଂଘ୍ରି ମଳାୟନଃ ॥

ବ୍ୟକ୍ତିଗତ ଜୀବନର ସମସ୍ତ କାର୍ଯ୍ୟ ଧର୍ମପ୍ରତି ଦୃଷ୍ଟି ରଖି କରିବା ଉଚିତ । ଯାହା ଧର୍ମ ସମ୍ମତ ତାହା କରିବ; କିନ୍ତୁ ଅଧର୍ମମୂଳକ କାର୍ଯ୍ୟ କରିବ ନାହିଁ । ସର୍ବଦା ନଖ, କେଶ, ଦାଢ଼ି, ପାଦ ଏବଂ ସମସ୍ତ ଶରୀରକୁ ସ୍ୱଚ୍ଛ ରଖିବ ।

୩୮—ସ୍ନାନଶୀଳୋ ସୁସୁରଭି ସୁବେଶୋଽନୁଲ୍ବଣୋଜ୍ଜ୍ୱଳଃ ।
ଧାରୟେତ୍ ସତତଂ ରତ୍ନ ସିଦ୍ଧମନ୍ତ୍ର ମହୌଷଧୀଃ ॥

ପ୍ରତିଦିନ ସ୍ନାନ କରିବ । ସ୍ନାନପରେ ଚନ୍ଦନ ପ୍ରଭୃତି ସୁଗନ୍ଧ-ଦ୍ରବ୍ୟ ଶରୀରରେ ଲେପନ କରିବ । ନିରାଡ଼ମ୍ବରଭାବେ ସର୍ବଦା ସୁନ୍ଦର ଓ ଉଜ୍ଜ୍ୱଳ ପୋଷାକ ପରିଧାନ କରିବ । ଗ୍ରହ ବାଧା ନିବାରଣ ଓ ରୋଗ ପ୍ରଶମନ ପାଇଁ, ମଣି, ରତ୍ନ, ଔଷଧି ପ୍ରଭୃତି ଧାରଣ କରିବ ।

୩୯—ସାତପତ୍ର ପଦତ୍ରାଣ ବିଚରେଦ୍ ଯୁଗମାତ୍ର ଦୃକ୍ ।
ନିଶି ଚାତ୍ୟୟିକେ କାର୍ଯ୍ୟେ ଦଣ୍ଡୀ ମୌଳୀ ସହାୟବାନ୍ ॥

କୌଣସି ସ୍ଥାନକୁ ଯିବାକୁ ହେଲେ ଜୋତା ଏବଂ ଛତା ବ୍ୟବହାର କରିବ । ଚାଲିବାବେଳେ ପାଦ ଏବଂ ସମ୍ମୁଖକୁ ଦୃଷ୍ଟି-ରଖି ଚାଲିବ । ରାତିରେ ଯଦି କାର୍ଯ୍ୟବଶତଃ କୌଣସି ସ୍ଥାନକୁ ଯିବାକୁ ହୁଏ, ତେବେ ହାତରେ ବାଡ଼ି, ମୁଣ୍ଡରେ ପଗଡ଼ି ଓ ସଙ୍ଗରେ କୌଣସି ସହାୟକ ନେଇଯିବ ।

Digitized by srujanika@gmail.com

୩୯—ନ ବେଗଭୋଗନ୍ୟ କାର୍ଯ୍ୟସ୍ୟାତ୍ ନ ବେଗାତ୍ ନୀରଥେ ଜ୍ୱଲାତ୍ ।
ଭକ୍ତ୍ୟା କଲ୍ୟାଣ ମିତ୍ରାଣି ସେବେତେତର ଦୂରଗଃ ॥

ପର କାର୍ଯ୍ୟକୁ ନିଜକାର୍ଯ୍ୟ ବୋଲି ନ ବୁଝିବ ତରତର ହୋଇ ଯଦୃଚ୍ଛାଭାବେ କରିବା ଅନୁଚିତ । ବଳପୂର୍ବକ ଆଗପଛ ନ ବୁଝିବ ଦାମ୍ଭିକତା ଦେଖାଇବା ପାଇଁ ଜଳରେ ସନ୍ତରଣ କରିବ ନାହିଁ । ଶୁଭଚିନ୍ତକ ବନ୍ଧୁମାନଙ୍କୁ ଶ୍ରଦ୍ଧାସହିତ ସେବା କରିବ । ଶତ୍ରୁ ବା ଅସତ୍‌ଲୋକଙ୍କଠାରୁ ସର୍ବଦା ଦୂରରେ ରହିବ ।

୪୦—ହିଂସାସ୍ତେୟାନ୍ୟଥା କାମଂ ପୈଶୁନ୍ୟଂ ପରୁଷାନୃତମ୍ ।
ସଂଭିନ୍ନାଲାପ ବ୍ୟାପାଦ ମଭିଧ୍ୟା ଦୃଗ୍ ବିପର୍ଯ୍ୟୟମ୍ ॥

୪୧—ପାପକର୍ମେତି ଦଶଧା କାୟବାକ୍ ମନସୈ ସ୍ତ୍ୟଜେତ୍ ।
ଅବୃତ୍ତି ବ୍ୟାଧିଶୋକାର୍ତ୍ତା ମନୁବର୍ତ୍ତେତ ଶକ୍ତିତଃ ॥

ହିଂସା, ଚୋରି, ଶଠତା, ଦୁଷ୍ଟତା, କଟୁବାକ୍ୟ ପ୍ରୟୋଗ, ମିଥ୍ୟା-ଭାଷଣ, ସ୍ୱବିରୋଧୀ କଥନ (ପୂର୍ବକଥା ପରବର୍ତ୍ତୀ କଥାର ବିରୋଧୀ ହେବା) ପରର ଅନିଷ୍ଟ ଚିନ୍ତା କରିବା, ଅପକୀର୍ତ୍ତି ଓ ବିପରୀତଦୃଷ୍ଟି (ଗୁଣରେ ଦୋଷ ବୁଝିବ) ଏହି ଦଶପ୍ରକାର ପାପକର୍ମ କାୟମନୋ-ବାକ୍ୟରେ ଆଚରଣ କରିବା ଉଚିତ ନୁହେ ।

ବେକାର, ରୋଗୀ ଓ ଶୋକାତୁରଙ୍କୁ ଯଥାଶକ୍ତି ସାହାଯ୍ୟ କରିବ ।

୪୨—ଆତ୍ମବତ୍ ସତତଂ ପଶ୍ୟେତ୍ ଅପିକୀଟ ପିପୀଲିକାମ୍ ।
ଉପକାରଃ ପ୍ରଧାନଃସ୍ୟାତ୍ ଅପକାର ପରେପ୍ୟରୌ ॥

ମନୁଷ୍ୟଠାରୁ କୀଟ ପତଙ୍ଗ ଯାଏ ସଂସାରର ସମସ୍ତ ପ୍ରାଣୀଙ୍କୁ ନିଜ ପରି ଜ୍ଞାନ କରିବ । ଅପକାର କରୁଥିବା ଶତ୍ରୁର ସୁଦ୍ଧା ଉପକାର କରିବ ।

Digitized by srujanika@gmail.com

୪୩—ସଂପଦ୍ବିପତ୍ସ୍ୱକମନାଃ ହେତାବୀର୍ଷ୍ୟେତ୍ ଫଲେନ ତୁ ।
କାଲେ ହିତଂ ମିତଂ ବ୍ରୂୟାତ୍ ଅବିସଂବାଦୀ ପେଶଲମ୍ ॥

ବିପଦ ସମୟରେ ଅଧୀର ହେବନାହିଁ କିମ୍ବା ସମ୍ପଦ ସମୟରେ ବିଭୋର ହେବନାହିଁ । ଅନ୍ୟର ଉନ୍ନତିକର କାର୍ଯ୍ୟପ୍ରତି ଈର୍ଷା ନ କରି ତାର କାର୍ଯ୍ୟର ହେତୁରେ ଈର୍ଷା କରିବ । ଯଥା-ସମୟରେ ହିତକର, ସ୍ୱଳ୍ପ, ମଧୁର ଓ ବିବାଦହୀନ ବାକ୍ୟ ପ୍ରୟୋଗ କରିବ ।

୪୪—ପୂର୍ବାଭିଭାଷୀ ସୁମୁଖଃ ସୁଶୀଲଃ କରୁଣୋ ମୃଦୁଃ ।
ନୈକଃ ସୁଖୀ ନ ସର୍ବତ୍ର ବିଶ୍ରବ୍ଧୋ ନ ଚ ଶଙ୍କିତଃ ॥

ସ୍ମିତପୂର୍ବକ କଥାବାର୍ତ୍ତା କରିବା, ସଚ୍ଚରିତ୍ର, ଦୟାଶୀଳ ଓ ସରଳ ବ୍ୟବହାରଯୁକ୍ତ ହେବା ଉଚିତ । କେବେହେଲେ ଏକାକୀ ସୁଖୀ ହେବାକୁ ଇଚ୍ଛାକରିବ ନାହିଁ । ଯେଉଁ ଲୋକ ସବୁଠାରେ ବିଶ୍ୱାସ କରେ ଓ ଯେ ସବୁଠାରେ ସନ୍ଦେହ କରେ ସେ କେବେ-ହେଲେ ସୁଖୀ ହୋଇପାରେ ନାହିଁ । ଅର୍ଥାତ୍ ସମସ୍ତଙ୍କୁ ହଠାତ୍ ବିଶ୍ୱାସ କରିବ ନାହିଁ କିମ୍ବା ସମସ୍ତଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବ ନାହିଁ ।

୪୫—ଇଙ୍ଗିତାଶୟ୍ୟ ମାଲକ୍ଷ୍ୟ ଯୋ ଯଥା ପରିତୁଷ୍ୟତି ।
ତଂ ତଥୈବାନୁବର୍ତ୍ତେତ ପରାରାଧନ ପଣ୍ଡିତଃ ॥

ପରାଧୀନ ବ୍ୟକ୍ତି ଅର୍ଥାତ୍ ଯେ ଅନ୍ୟର ଅଧୀନତାରେ କାର୍ଯ୍ୟ କରୁଥାଏ, ତାର ମନୋଭାବ ଲକ୍ଷ୍ୟ କରି ସେ ଯେପରି ସନ୍ତୁଷ୍ଟ ହେବ ସେପରି କାର୍ଯ୍ୟ କରିବ ।

Digitized by srujanika@gmail.com

୪୬—ନ ପୀଡ଼ୟେଦିନ୍ଦ୍ରିୟାଣି ନାଚୈତାନ୍ୟତି ଲାଳୟେତ୍ ।
ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ॥

ଇନ୍ଦ୍ରିୟମାନଙ୍କର ପ୍ରବୃତ୍ତିକୁ ବଳପୂର୍ବକ ଅତ୍ୟଧିକ ଦବାଇବା ଉଚିତ ନୁହେ । କିମ୍ବା ସେମାନଙ୍କର ଏକାନ୍ତ ବଶବର୍ତ୍ତୀ ହେବା ଅନୁଚିତ । ଇନ୍ଦ୍ରିୟମାନେ ବଶବର୍ତ୍ତୀ ନ ହେଲେ ମନକୁ ହଠାତ୍ ଅସତ୍ ପଥରେ ନେଇଥାନ୍ତି । ଅତଏବ ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ ପ୍ରଭୃତି ବିଷୟସବୁ ସଂଯତ ଭାବରେ ଯଥାସମୟରେ ଏବଂ ଯଥୋଚିତ ମାତ୍ରାରେ ସେବା କରିବ ।

୪୭—ଏଣୋ ଗଜଃ ପତଙ୍ଗଶ୍ଚ ଭୃଙ୍ଗୋ ମୀନସ୍ତୁ ପଞ୍ଚମଃ ।
ଶବ୍ଦ ସ୍ପର୍ଶ ରୂପରସ ଗନ୍ଧୈରେତେଃ ହତା ହ୍ୟଲ୍ପ ॥

ମୃଗ ବ୍ୟାଧର ଗୀତରେ, ହାତୀ ଯନ୍ତ୍ରାରେଥିବା ମାଈ ହାତୀର ସ୍ପର୍ଶ ଲୋଭରେ, କୀଟ ଅଗ୍ନିର ରୂପରେ, ଭ୍ରମର ପୁଷ୍ପର ଗନ୍ଧରେ, ମାଛ ବନିଶ କଣ୍ଟାର ଖାଦ୍ୟରେ ଆକୃଷ୍ଟ ହୋଇ ମରିଥାନ୍ତି ।

୪୮—ଏଷୁ ସ୍ପର୍ଶୋ ବରସ୍ତ୍ରୀଣାଂ ସ୍ୱାନ୍ତହାରୀ ମୁନେରପି ।
ଅତୋଽପ୍ରମତ୍ତଃ ସେବେତ ବିଷୟାଂ ସ୍ତୁ ଯଥୋଚିତାନ୍ ॥

ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ ଏମାନଙ୍କ ମଧ୍ୟରେ ସ୍ତ୍ରୀର ସ୍ପର୍ଶ (ଭୋଗ) ଲାଳସା ମନୁଷ୍ୟମାନଙ୍କ ମଧ୍ୟରେ ପ୍ରବଳ ହୋଇଥାଏ । ଯାହାକି ମୁନିମାନଙ୍କର ମନକୁ ମଧ୍ୟ ହରଣ କରିଦିଏ । ଏଣୁ ସର୍ବଦା ସାବଧାନ ହୋଇ ଯଥୋଚିତ ମାତ୍ରାରେ ବିଷୟ ଉପଭୋଗ କରିବା ଉଚିତ ।

Digitized by srujanika@gmail.com

୪୯—ମାତା ପିତା ଦୁହିତା ବା ନାତ୍ୟନ୍ତୈକାନ୍ତିକଂ ବସେତ୍ ।
ଯଥା ସମ୍ବନ୍ଧ ମାହୂୟ ଦାଭିଷ୍ୟାଶ୍ୱାସ୍ୟ ବୈସ୍ତ୍ରିଯ୍ୟମ୍ ॥

ମାତା (ବିମାତା) ପରିଣତବୟସ୍କା ଭଗିନୀ, ପ୍ରାପ୍ତବୟସ୍କା କନ୍ୟା ଏମାନଙ୍କ ସହିତ ଏକାନ୍ତସ୍ଥାନରେ ଅଧିକ ସମୟ ରହିବ ନାହିଁ । ଯଦି ଆବଶ୍ୟକ ଥାଏ, ତେବେ ସେମାନଙ୍କୁ ଡାକି କଥାବାର୍ତ୍ତା କରିବ ଏବଂ କଥାବାର୍ତ୍ତା ଶେଷହେବା ପରେ ଆଶ୍ୱାସନା ଦେଇ ଯଥାସ୍ଥାନକୁ ପଠାଇଦେବ ।

୫୦—ଷଣ୍ଢଂ ଚଣ୍ଡଂ ଦଣ୍ଡଶୀଳ ମକାମଂ ସୁପ୍ରବାସିନମ୍ ।
ସୁଦରିଦ୍ରଂ ରୋଗିଣଂ ଚ ହ୍ୟନ୍ୟଂ ସ୍ତ୍ରୀ ନରଂ ସଦା ॥
ପତିଂ ତ୍ୟକ୍ତ୍ୱା ବିରକ୍ତାସ୍ୟାନ୍ତ ନାଶ୍ରି ବାନ୍ୟଂ ସମାଶ୍ରୟେତ୍ ॥

ଯେଉଁ ପୁରୁଷ ସ୍ତ୍ରୀ ପ୍ରତି ସର୍ବଦା କ୍ରୁଦ୍ଧହୁଏ, ଯେ ସ୍ତ୍ରୀକୁ ସର୍ବଦା ଦଣ୍ଡ ଦିଏ, ଯେ ନପୁଂସକ, ଯାହାର କାମ ଲାଳସା ନାହିଁ, ଯେ ସର୍ବଦା ବିଦେଶରେ ରହେ, ଯେ ଅତି ଦରିଦ୍ର, ଯେ ଚିରରୋଗୀ, ଯେ ଅନ୍ୟ ସ୍ତ୍ରୀଠାରେ ଆସକ୍ତ; ଏପରି ପୁରୁଷକୁ ସ୍ତ୍ରୀ ପରିତ୍ୟାଗ କରେ ।

୫୧—ନାକାମେତ୍ ଶର୍କରା ଲୋଷ୍ଟ ବଲ ସ୍ନାନ ଭୁବୋଽପିଚ ।
ନଦୀଂ ତରେନ୍ନ ବାହୁଭ୍ୟାଂ ନାଗ୍ନି ସ୍କନ୍ଧ ମଭିବ୍ରଜେତ୍ ॥

ଚାଲିବାବେଳେ ପଥମଧ୍ୟରେ ଖପରା, ଢେଲା, ବଳିଦିଆ-ହୋଇଥିବା ସ୍ଥାନ, ପୂଜାର ସ୍ଥାନ ଓ ସ୍ନାନକରିଥିବା ସ୍ଥାନକୁ ଅତିକ୍ରମ କରିବ ନାହିଁ । (ତାଂ ଉପରେ ପାଦ ପକାଇ ଚାଲିଯିବ ନାହିଁ ) ବାହୁଦ୍ୱାରା ନଦୀ ପାର ହେବ ନାହିଁ କମ୍ବା କାନ୍ଧରେ ନିଆଁକୁ ବୋହିବ ନାହିଁ ।

Digitized by srujanika@gmail.com

୫୨—ନ ସଂହତାଭ୍ୟାଂ ପାଣିଭ୍ୟାଂ କଣ୍ଡୂୟ୍ୟାଦାତ୍ମନଃ ଶିରଃ ।
ନାଙ୍ଗୈଂ ଶ୍ଚେଷ୍ଟେତ ବିଗୁଣଂ ନାସ୍ମୀୟାତ୍ତୁ କଟୁକଂ ଚିରମ୍ ।।

ଦୁଇହାତର ଅଙ୍ଗୁଳି ଦ୍ୱାରା ଏକ ସମୟରେ ମୁଣ୍ଡ କୁଣ୍ଡାଇବ ନାହିଁ । ନିଜର ହସ୍ତପଦାଦି ଦ୍ୱାରା ଚେଷ୍ଟା, କେମ୍ପାମାନଙ୍କ ପରି ଅଭିନୟ କରିବ ନାହିଁ । ରାଗ ଓ ପିତାଦ୍ରବ୍ୟ ବହୁକାଳଯାଏ ବ୍ୟବହାର କରିବ ନାହିଁ ।

୫୩—ଦେହବାକ୍ ଚେତସାଂ ଚେଷ୍ଟା ପ୍ରାକ୍ଶ୍ରମାତ୍ତୁ ବିନିବର୍ତ୍ତୟେତ୍ତୁ ।
ନୋର୍ଦ୍ଧ୍ୱଜାନୁଂ ଚିରଂତିଷ୍ଠେତ୍ତୁ ନକ୍ତଂ ସେବେତ ନଦ୍ରୁମମ୍ ।।

ଦେହ, ମନ ଓ ବାକ୍ୟର କାର୍ଯ୍ୟକୁ କ୍ଲାନ୍ତ (ହାଲିଆ) ହେବା ପୂର୍ବରୁ ବନ୍ଦକରିଦେବ ଏବଂ ସେ ସବୁକୁ ବିଶ୍ରାମଦେବ । ବେଶୀ-ସମୟ ପର୍ଯ୍ୟନ୍ତ ଜାନୁଦ୍ୱୟ ଉପରକୁ ଟେକି ରଖିବ ନାହିଁ । ରାତିରେ ବୃକ୍ଷମୂଳେ ଆଶ୍ରୟ ଗ୍ରହଣ କରିବ ନାହିଁ ।

୫୪—ସର୍ବଥେକ୍ଷେତ ନାଦିତ୍ୟ ନ ଭାରଂ ଶିରସା ବହେତ୍ତୁ ।
ନେକ୍ଷେତ ପ୍ରତତଂ ସୂକ୍ଷ୍ମଂ ଦୀପ୍ତାମେଧ୍ୟାପ୍ରିୟାଣିଚ ।।

ସୂର୍ଯ୍ୟଙ୍କୁ ଖୋଲା ଆଖିରେ ବେଶୀସମୟଯାଏ ଚାହିଁବ ନାହିଁ । ମୁଣ୍ଡରେ ଭାରବହନ କରିବ ନାହିଁ । ଅତି ସୂକ୍ଷ୍ମ, ଅତି ତେଜୟୁକ୍ତ, ଅପ୍ରିୟ ଓ ଅପବିତ୍ର ବସ୍ତୁକୁ ଅଧିକ ସମୟ ଚାହିଁବ ନାହିଁ । ଏହାଦ୍ୱାରା ଦୃଷ୍ଟି-ଶକ୍ତି କମିଯାଏ ଏବଂ ଅପ୍ରିୟ ବସ୍ତୁର ଦର୍ଶନରେ ମନରେ ଖରାପ-ଭାବ ଜନ୍ମେ ।

୫୫—ସନ୍ଧ୍ୟା ସ୍ୱଭ୍ୟବହାର ସ୍ତ୍ରୀ ସ୍ୱପ୍ନାଧ୍ୟୟନ ଚିନ୍ତନମ୍ ।
ମଦ୍ୟ ବିକୟୁ ସନ୍ଧାନ ଦାନାଦାନାଦି ନାଚରେତ୍ତୁ ।।

ସନ୍ଧ୍ୟା ସମୟରେ (ରବି ନକ୍ଷତ୍ର ଅଦୃଶ୍ୟ କାଳରେ) ସ୍ତ୍ରୀ ସମ୍ଭୋଗ, ଖାଇବା, ପାଠପଢିବା, କୌଣସି ବିଷୟ ଗବେଷଣା କରିବା ବା

Digitized by srujanika@gmail.com

ଶରୀରଭାଗେ ଚିନ୍ତାକରିବା, ମଦ ବିକିବା; ମଦ ସନ୍ଧାନ କରିବା, ଦାନ ଦେବା, ଦାନ ଗ୍ରହଣ କରିବା ଏସବୁ ବିଷୟ ବର୍ଜନୀୟ ।

୫୬—ଅଯୁକ୍ତଂ ଯତ୍‌କୃତଂ ଚୈବ୍ୟୁକ୍ତଂ ନ ବଳାତ୍ ହେତୁ ଚୋଦ୍‌ଭବେତ୍ ।
ଦୁର୍ଗୁଣସ୍ୟ ଚ ବକ୍ତାରଃ ପ୍ରତ୍ୟକ୍ଷଂ ବିରଳାଜନାଃ ॥

କୌଣସି ଲୋକର ଅସଙ୍ଗତ କାର୍ଯ୍ୟକୁ କିମ୍ବା ଅସଙ୍ଗତ କଥାକୁ ବଳପୂର୍ବକ ଅଥବା ଯୁକ୍ତିକରି ସଙ୍ଗତ ବୋଲି କହିବା ଅନୁଚିତ । ଏହାଦ୍ୱାରା ଜଗତରେ ମନ୍ଦକାର୍ଯ୍ୟ ବଢ଼ିଥାଏ । ଲୋକର ଦୁର୍ଗୁଣଗୁଡ଼ିକ ପ୍ରତ୍ୟକ୍ଷ ଭାବରେ (ମୁହଁ ଆଗରେ) ପ୍ରକାଶ କରିବା ଲୋକ ସଂସାରରେ ଅତି ଅଳ୍ପ ଦେଖାଯାନ୍ତି ।

୫୭—ଲୋକତୋ ଶାସ୍ତ୍ରତୋଜ୍ଞାତ୍ୱା ହ୍ୟତସ୍ତ୍ୟାଜ୍ୟଂ ତ୍ୟଜେତ୍ ସୁଧୀଃ
ଅନୀତ୍ୟଂ ନୀତ୍ୟ ସଂକାଶଂ ମନସାପି ନ ଚିନ୍ତୟେତ୍ ॥

ଲୋକ ବ୍ୟବହାର ଓ ଶାସ୍ତ୍ରଜ୍ଞାନ ଏ ଉଭୟ ଦୃଷ୍ଟିରୁ ବିଚାର କରି ଯାହା ତ୍ୟାଗ କରିବା ଉଚିତ, ତାହା ସର୍ବଥା ତ୍ୟାଗ କରିବ, ଅନୀତି କଥାକୁ ନୀତି ବୋଲି ଭାବି କରିବ ନାହିଁ ଏବଂ ତାହା ମନରେ ସୁଦ୍ଧା ଚିନ୍ତା କରିବ ନାହିଁ ।

୫୮—ନକୃତଂ ଦିନାନି ମେ ଯାନ୍ତି କଥଂ ଭୂତସ୍ୟ ସଂପ୍ରତି ।
ଦୁଃଖଭାକ୍ ନ ଭବତ୍ୟେବଂ ନିତ୍ୟଂ ସନ୍ନିହିତଃ ସ୍ମୃତଃ ॥

ଆଜିଦିନଟି ମୋର କିପରି କଟିଲା ଏପରି ଭାବନା ଯେଉଁ ଲୋକର ମନରେ ସର୍ବଦାଥାଏ, ସେ କେବେହେଲେ ଦୁଃଖୀ ହୁଏ-ନାହିଁ । ଅର୍ଥାତ୍ ପ୍ରତିଦିନ ରାତିରେ ଶୋଇବା ବେଳେ ସେ ବିଚାର କରେ "ଆଜି ଦିନଟାକୁ ମୁଁ କିପରି କଟାଇଲି" ଯେ ଏପରି ଦୈନିକ କାର୍ଯ୍ୟର ବିଚାର କରେ ସେ କେବେ ହେଲେ ଦୁଃଖ ପାଏନାହିଁ ।

Digitized by srujanika@gmail.com

୫୯—ଅଗ୍ନିଦୋ ଗରଦ ଶ୍ଚୈବ ଶସ୍ତ୍ରୋନ୍ମତ୍ତୋ ଧନାପହଃ ।
କ୍ଷେତ୍ର ଦାରାପହ ଶ୍ଚୈତାନ୍ ଷଡ଼୍ ବିଦ୍ୟାଦାତ ତାୟିନଃ ॥

ଗ୍ରାମ, ଗୃହ ଇତ୍ୟାଦିରେ ଅଗ୍ନି ସଂଯୋଗକାରୀ, ବିଷଦାତା, ଶସ୍ତ୍ରଧାରଣ କରି ହତ୍ୟାକରିବା ପାଇଁ ଯେ ଉଦ୍ୟତ, ଧନ ଏବଂ ଭୂମିର ଅପହରଣକାରୀ, ଦାରାପହାରକ ଏମାନଙ୍କୁ ଆତତାୟୀ କହନ୍ତି ।

୬୦—ନଗୋପଯେତ୍ ବାସୟେଦ୍ ରାଜା ମିତ୍ରଂ ସୁତଂ ଗୁରୁମ୍ ।
ଅଧର୍ମ ନିରତଂସ୍ତେନମ୍ ଆତତାୟିନ ମପ୍ୟୁତ ॥

ଅତ୍ୟାଚାରୀ, ଘାତୁକ (ଯେ କାହାକୁ ହତ୍ୟାକରିଅଛି) ଚୋର, ଏପରି ଅପରାଧୀମାନେ ନିଜର ପୁତ୍ର, ମିତ୍ର କିମ୍ବା ଗୁରୁ ହେଲେ ମଧ୍ୟ ରାଜା ସେମାନଙ୍କୁ ରାଜ୍ୟ ମଧ୍ୟରେ ବାସ କରିବା ପାଇଁ ପ୍ରଶ୍ରୟ ଦେବ ନାହିଁ ଏବଂ ସେମାନଙ୍କର ଅପରାଧକୁ ଗୋପନ କରିବ ନାହିଁ ।

୬୧—ନୋପେକ୍ଷେତ ସ୍ତ୍ରିୟଂ ବାଲଂ ରୋଗଂ ଦାସଂ ପଶୁଂ ଧନମ୍
ବିଦ୍ୟାଭ୍ୟାସଂ କ୍ଷଣମପି ସତ୍ ସେବାଂ ବୁଦ୍ଧିମାନ୍ ନରଃ ।

ସ୍ତ୍ରୀର ସୁରକ୍ଷା, ବାଳକର ଯତ୍ନ, ରୋଗର ଚିକିତ୍ସା, ଭୃତ୍ୟର କାର୍ଯ୍ୟକଳାପ, ପଶୁପାଳନ, ଧନୋପାର୍ଜନ, ବିଦ୍ୟାଭ୍ୟାସ ଏବଂ ସତ୍‌ସେବା ଏସବୁ ବିଷୟରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହେବ ଏବଂ ଏ ସବୁ କାର୍ଯ୍ୟରେ କ୍ଷଣକ ପାଇଁ ସୁଦ୍ଧା ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ ।

Digitized by srujanika@gmail.com

୭୨—ଅବିବେକୀ ଯତ୍ର ରାଜା ସଭ୍ୟା ଯତ୍ର ତୁ ପାକ୍ଷିକାଃ ।
ସନ୍ମାର୍ଗୋଜ୍ଝିତ ବିଦ୍ୱାଂସଃ ସାକ୍ଷିଣୋଽନୃତ ବାଦିନଃ ॥
ଯେଉଁଠାରେ ରାଜା ବିବେକହୀନ, ସଭ୍ୟ (ବିଚାରକ=ଜଜ) ମାନେ ପକ୍ଷପାତକରି ରାୟ ଦିଅନ୍ତି, ଜ୍ଞାନୀମାନେ ଅସାଧୁ ଆଚରଣ କରନ୍ତି, ଏବଂ ସାକ୍ଷୀମାନେ ମିଥ୍ୟାବାଦୀ ସେଠାରେ ମକଦ୍ଦମା କରିବ ନାହିଁ । କିମ୍ବା ବାସ କରିବ ନାହିଁ ।

୭୩—ଦୁରାତ୍ମନାଂଚ ପ୍ରାବଲ୍ୟଂ ସ୍ତ୍ରୀଣାଂ ନୀଚଜନସ୍ୟଚ ।
ଯତ୍ର ନୈବୋଚ୍ଛ୍ରିତଂ ମାନଂ ବସତଂ ତତ୍ର ଜୀବିତମ୍ ॥
ଯେଉଁଠାରେ ଅସାଧୁଲୋକଙ୍କର ପ୍ରଭୁତ୍ୱ ଥାଏ ଏବଂ ସ୍ତ୍ରୀ ଓ ନୀଚମନା ଲୋକଙ୍କର ପ୍ରଭୁତ୍ୱ ରହିଥାଏ, ସେପରି ସ୍ଥାନରେ ଧନ ଓ ସମ୍ମାନ ଲାଭ ଆଶାରେ ବାସ କରିବ ନାହିଁ କାରଣ ସେଠାରେ ନିଜର ଜୀବନ ମଧ୍ୟ ନିରାପଦ ନୁହେଁ ।

୭୪—ମାତା ନ ପାଲୟେତ୍ ବାଲ୍ୟେ ପିତା ସାଧୁ ନ ଶିକ୍ଷୟେତ୍ ।
ରାଜା ଯଦି ହରେଦ୍ ବିତ୍ତଂ କା ତତ୍ର ପରିଦେବନା ।
ମାତା ଯଦି ବାଲ୍ୟ କାଳରେ ପାଳନ କରେନାହିଁ, ପିତା ଯଦି ଉତ୍ତମ ରୂପେ ଶିକ୍ଷା ଦେଇ ନ ଥାଏ, ରାଜା ନିଜେ ଧନ ସମ୍ପଦ ଅପହରଣ କରିଥାଏ; ତେବେ ସେଠାରେ ବିଳାପ କରିବା ଠିକ୍ ନୁହେ ।

୭୫—ସୁସେବିତା ପ୍ରକୁପ୍ୟନ୍ତି ମିତ୍ର ସ୍ୱଜନ ପାର୍ଥିବାଃ ।
ଗୃହ ମଗ୍ନି ଶନୈ ହନ୍ତି କା ତତ୍ର ପରିଦେବନା ॥
ମିତ୍ର, ଜ୍ଞାତିବର୍ଗ ଏବଂ ରାଜା ଏମାନେ ଉତ୍ତମ ରୂପେ ସେବା ପାଇସୁଦ୍ଧା ଯଦି କ୍ରୋଧାନ୍ୱିତ ହୁଅନ୍ତି, ଘର ଯଦି ବହ୍ନିାଗ୍ନିରେ ବିନଷ୍ଟ ହୁଏ; ତେବେ ସେଠାରେ ଅନୁତାପ କରିବା ବିଧେୟ ନୁହେ ।

Digitized by srujanika@gmail.com

୬୬—ଅପ୍ତ ବାକ୍ୟ ମନାଦୃତ୍ୟ ଦର୍ପେଣା ଚରତଂ ଯଦ୍ଧ ।
ଫଳତଂ ବିପଶ୍ଚିତଂ ତତ୍ର କା ତନ୍ଦ ଦେବନା ॥

ଅନୁଭବ ପୂତ ଗୁରୁଜନମାନଙ୍କର ଉପଦେଶାବଳୀକୁ ଭ୍ରୂକ୍ଷେପ ନ କରି ଯେଉଁ ଲୋକ ଅହଂଗର୍ବରେ କାର୍ଯ୍ୟକରେ, ଯଦି ଦୁର୍ଭାଗ୍ୟବଶତଃ ସେଥିରୁ ତାକୁ ବିପରୀତ ଫଳ ମିଳେ, ତେବେ ସେ କାହାକୁ ଦୋଷ ଦେବ !

୬୭—ସାବଧାନ ମନା ନିତ୍ୟଂ ରାଜାନଂ ଦେବତାଂ ଗୁରୁମ୍ ।
ଅଗ୍ନିଂ ତପସ୍ୱିନଂ ଧର୍ମଜ୍ଞାନବୃଦ୍ଧଂ ସୁସେବୟେତ୍ର ॥

ରାଜା, ଦେବତା, ଗୁରୁ, ଅଗ୍ନି ତପସ୍ୱୀ, ଧାର୍ମିକ ଏବଂ ଜ୍ଞାନୀ ଏମାନଙ୍କୁ ମନୋଯୋଗପୂର୍ବକ ଉତ୍ତମରୂପେ ସେବା କରିବ । କାରଣ ଏମାନେ ସମସ୍ତେ ଅଗ୍ନିତୁଲ୍ୟ । ସାମାନ୍ୟ ଅସାବଧାନତା ଦ୍ୱାରା ବହୁ ଅନିଷ୍ଟର ସମ୍ଭାବନା ଥାଏ ।

୬୮—ସ୍ୱଜନୈର୍ନ ବିରୁଧ୍ୟେତ ନ ସ୍ପର୍ଦ୍ଧେତ ବଲୀୟସା ।
ନ କୁର୍ଯ୍ୟାତ୍ର ସ୍ତ୍ରୀ ବାଲବୃଦ୍ଧ ମୂର୍ଖେଷୁ ଚ ବିବାଦନମ୍ ॥

ଜ୍ଞାତିମାନଙ୍କ ପ୍ରତି ବିରୁଦ୍ଧାଚରଣ କରିବ ନାହିଁ । ନିଜଠାରୁ ବଳବାନ୍ ଲୋକସହିତ କୌଣସି ବିଷୟରେ ପ୍ରତିଯୋଗିତା କରିବ ନାହିଁ । ସ୍ତ୍ରୀ, ବାଳକ, ବୃଦ୍ଧ ଓ ମୂର୍ଖ ଏମାନଙ୍କ ସହ ବିବାଦ କରିବ ନାହିଁ ।

୬୯—ନାନ୍ୟଂ ଧର୍ମଂ ହ୍ୱ ସେବେତ ନ ଦ୍ରୁହ୍ୟାଦ୍ ବୈ କଦାଚନ ।
ହୀନକର୍ମଗୁଣୈଃ ସ୍ତ୍ରୀଭିଃ ନାସୀତୈକାସନେ କ୍ୱଚିତ୍ର ॥

ଯେ ଯେଉଁ ଧର୍ମରେ ଅଛି ତାହା ଛାଡ଼ି ଅନ୍ୟଧର୍ମ ଗ୍ରହଣ କରିବ ନାହିଁ କିମ୍ବା ଅନ୍ୟର ଧର୍ମକୁ ନିନ୍ଦା କରିବ ନାହିଁ ।

Digitized by srujanika@gmail.com

ନିଜଠାରୁ କାର୍ଯ୍ୟରେ ଏବଂ ଗୁଣରେ ଯେ କ୍ଷୁଦ୍ର, ତାର ସହ ଏକ ଆସନରେ ବସିବ ନାହିଁ । ସ୍ତ୍ରୀଲୋକ ସହିତ ମଧ୍ୟ ଏକ ଆସନରେ ବସିବା ଉଚିତ ନୁହେ ।

୭୦—ଉପାୟଜ୍ଞଶ୍ଚ ଯୋଗଜ୍ଞଃ ତତ୍ତ୍ୱଜ୍ଞଃ ପ୍ରତିଭାନ ବାନ୍ ।
ସ୍ୱଧର୍ମ ନିରତୋ ନିତ୍ୟଂ ପରଧର୍ମ ପରାଙ୍ମୁଖଃ ॥
ବକ୍ତୋହ ବାନ୍ ଶେଷକଥଃ ସ୍ୟାଦକୁଣ୍ଠିତବାକ୍ ସଦା ॥

କାର୍ଯ୍ୟ କେଉଁ ଉପାୟରେ ସାଧିତ ହେବ, କାହାଦ୍ୱାରା ହେବ, ଏବଂ କାହିଁକି ହେବ, ସଂସାରରେ ଚଳିବାପାଇଁ ଏସବୁ ବିଷୟ ଜାଣିବା ଆବଶ୍ୟକ । ପ୍ରତିଭାଶାଳୀ, ସ୍ୱଧର୍ମନିରତ, ପରଧର୍ମବିମୁଖ, ବକ୍ତା, ଊହବାନ୍ (ଯେ ଗୋଟିଏ କଥାର ଆଭାସରୁ ଅନ୍ୟ ସବୁକଥା ଜାଣିପାରେ) ଯାହାଙ୍କର କଥା ସୁନ୍ଦର ଏବଂ ଶିକ୍ଷାପ୍ରଦ ସେ ଏ ସଂସାର କ୍ଷେତ୍ରରେ ସୁଖମୟ ଜୀବନଯାପନ କରନ୍ତି ।

୭୧—ଚିରଂ ସଂଶୃଣୁୟା ନିତ୍ୟଂ ଜାନୀୟାଚ୍ଚ କ୍ଷିପ୍ରମେବଚ ।
ବିଜ୍ଞାୟ ପ୍ରଭଜେ ଦର୍ଥାନ୍ ନ କାମଂ ପ୍ରଭଜେତ୍କ୍ୱଚିତ୍ ॥

ଯେ କୌଣସି କଥାକୁ ବହୁବେଳଯାଏ ଶୁଣିବ; କିନ୍ତୁ ବିଷୟକୁ ଶୀଘ୍ର ହୃଦୟଙ୍ଗମ କରିବ । ଉତ୍ତମରୂପେ ବୁଝି ବସ୍ତୁସି କୌଣସି କାର୍ଯ୍ୟରେ ହାତଦେବ କିନ୍ତୁ ଅନ୍ଧଭାବରେ ଭାବପ୍ରବଣତାର ବଶବର୍ତ୍ତୀହୋଇ ଆଗ ପଛକୁ ନ ଭାବି କୌଣସି କାର୍ଯ୍ୟ କରିବ ନାହିଁ ।

୭୨—କ୍ରୟ ବିକ୍ରୟସ୍ୟାଭ ଲିପ୍ସାଂ ସ୍ୱ ଦୈନ୍ୟଂ ଦର୍ଶୟେନ୍ନହି ।
କାର୍ଯ୍ୟଂ ବିନାନ୍ୟ ଗେହେନ ନାଜ୍ଞାତଃ ପ୍ରବିଶେତ୍ କ୍ୱଚିତ୍ ॥

କୌଣସି ପଦାର୍ଥକୁ କିଣିବା କିମ୍ବା ବିକିବାପାଇଁ ଅତ୍ୟଧିକ ଇଚ୍ଛା ପ୍ରକାଶ କରିବ ନାହିଁ । ନିଜର ହୀନତା ଅନ୍ୟଠାରେ ପ୍ରକାଶ

Digitized by srujanika@gmail.com

କରିବ ନାହିଁ । ବିନା କାର୍ଯ୍ୟରେ ଗୃହ ସ୍ୱାମୀଙ୍କୁ ନ ଜଣାଇ ଅନ୍ୟ ଘରକୁ ପ୍ରବେଶ କରିବ ନାହିଁ ।

୭୩—ଅପୃଷ୍ଟୋନୈବ କଥୟେତ୍ ଗୃହ କୃତ୍ୟଂତୁ କଂ ପ୍ରତି ।
ବହ୍ୱର୍ଥାଲ୍ପାକ୍ଷରଂ କୁର୍ଯ୍ୟାତ୍ ସଂଲାପଂ କାର୍ଯ୍ୟସାଧକମ୍ ।।

ଘରର କଥା ନ ପଚ୍ଚରିଲେ ଅନ୍ୟକୁ କହିବ ନାହିଁ । ଅନ୍ୟର ସହିତ କଥାବାର୍ତ୍ତା ହେଲେ ବେଶୀ ସମୟ ଯାଏ କଥାବାର୍ତ୍ତା କରିବ ନାହିଁ । କିନ୍ତୁ ଏପରି ସଂକ୍ଷିପ୍ତଭାବେ କଥାବାର୍ତ୍ତା କରିବ ଯେପରିକି ନିଜର କାର୍ଯ୍ୟସିଦ୍ଧି ହୋଇପାରିବ ।

୭୪—ନ ଦର୍ଶୟେତ୍ ସ୍ୱାଭିମତମ୍ ଅନୁଭୂତାତ୍ ବିନା ସଦା ।
ଜ୍ଞାତ୍ୱା ପରମତଂ ସମ୍ୟକ୍ ତେନାଜ୍ଞାତୋତ୍ତରଂ ବଦେତ୍ ।।

ଅନୁଭବ ନ କରି କୌଣସି ବିଷୟରେ ମତବ୍ୟକ୍ତ କରିବା ଅନୁଚିତ । ଅନ୍ୟର ମତାମତକୁ ଉତ୍ତମରୂପେ ହୃଦୟଙ୍ଗମ କରି ସେ ଯେପରି ଉତ୍ତର ଜାଣି ନ ଥିବେ ସେପରି ଉତ୍ତର ଦେବ ।

୭୫—ଦମ୍ପତ୍ୟୋଃ କଲହେ ସାକ୍ଷ୍ୟଂ ନ କୁର୍ଯ୍ୟାତ୍ ପିତୃ ପୁତ୍ରୟୋଃ ।।
ସୁଗୁପ୍ତଃ କୃତ୍ୟମନ୍ତ୍ରଃସ୍ୟାତ୍ ନ ତ୍ୟଜେତ୍ ଶରଣାଗତମ୍ ।।

ପତି ପତ୍ନୀଙ୍କ ମଧ୍ୟରେ କିମ୍ବା ପିତା ପୁତ୍ର ମଧ୍ୟରେ କଳହ ହେଲେ ଅନ୍ୟକୁ ସାକ୍ଷୀ ନିଯୁକ୍ତ କରିବ ନାହିଁ । ରାଜାଙ୍କର ବା ରାଜ୍ୟର ଗୁପ୍ତମନ୍ତ୍ରଣାକୁ ଗୋପନୀୟ ରଖିବ । ନିଜର ଆଶ୍ରିତ ଲୋକକୁ ବିପଦ ସମୟରେ ପରିତ୍ୟାଗ କରିବ ନାହିଁ ।

୭୬—ଯଥାଶକ୍ତ୍ୟ ଚିକୀର୍ଷେତ୍ କୁର୍ଯ୍ୟାତ୍ ମୁହେଂଜ ନାପଦି ।
କସ୍ୟଚିତ୍ ନସ୍ପୃଶେତ୍ ମର୍ମ ମିଥ୍ୟାବାଦଂ ନ କସ୍ୟଚିତ୍ ।।

କୌଣସି ବିପଦ ଉପସ୍ଥିତ ହେଲେ ଭୟରେ କାତର ନ ହୋଇ ସେଥିରୁ ରକ୍ଷା ପାଇବା ପାଇଁ ଯଥାଶକ୍ତି ଚେଷ୍ଟା କରିବ ।

Digitized by srujanika@gmail.com

ଅନ୍ୟର ମନରେ ଦୁଃଖଜାତ କରିବାଭଳି କୌଣସି କଥା କହିବ ନାହିଁ । ତାହାର ଅଯଥା ନିନ୍ଦା କରିବ ନାହିଁ ।

୭୭—ସ୍ୱ ହେତୁଭିର୍ନହନ୍ୟେତ କସ୍ୟବାକ୍ୟଂ କଦାଚନ ।
ପ୍ରବିଚ୍ୟୋତ୍ତରଂ ଦେୟଂ ସହସା ନ ବଦେତ୍ କ୍ୱଚିତ୍ ।।

ଅନ୍ୟର ଯଥାର୍ଥ ଉକ୍ତିକୁ ନିଜର ସ୍ୱାର୍ଥଦୃଷ୍ଟିରୁ ଖଣ୍ଡନ କରିବ ନାହିଁ । ସବୁସ୍ଥଳରେ ବୁଝି ବିଚାରି ପ୍ରଶ୍ନର ଉତ୍ତର ଦେବ । ହଠାତ୍ କାହାକୁ କୌଣସି କଥା କହିବ ନାହିଁ ।

୭୮—ଶତ୍ରୋରପି ଗୁଣାଗ୍ରାହ୍ୟାଃ ଗୁରୋସ୍ତ୍ୟାଜ୍ୟାସ୍ତୁ ଦୁର୍ଗୁଣାଃ ।
ଉତ୍କର୍ଷୋ ନୈବ ନିତ୍ୟଃସ୍ୟାତ୍ ନାପକର୍ଷଂ ତଥୈବଚ ।।

ଶତ୍ରୁଠାରେ ଗୁଣଥିଲେ ତାହା ଗ୍ରହଣ କରିବ । ଗୁରୁଙ୍କଠାରେ ଦୋଷଥିଲେ ତାହା ପରିତ୍ୟାଗ କରିବ । କାହାର ଉନ୍ନତି ଚିରସ୍ଥାୟୀ ନୁହେ କିମ୍ବା ଅବନତି ମଧ୍ୟ କାହାରିହେଲେ ସର୍ବଦା ରହେ ନାହିଁ ।

୭୯—ଦୀର୍ଘଦର୍ଶୀ ସଦାଚସ୍ୟାତ୍ ପ୍ରତ୍ୟୁତ୍ପନ୍ନମତିଃ କ୍ୱଚିତ୍ ।
ସାହସୀ ସାଳସୀ ଚୈବ ଚିରକାରୀ ଭବେନ୍ନହି ।।

ସର୍ବଦା ଦୂରଦର୍ଶୀ (କାର୍ଯ୍ୟ ନ ହେବା ପୂର୍ବରୁ ସେ ତାର ପରିଣାମ ଜାଣିପାରେ) ହେବା ଉଚିତ । କେବେ କପରି ପ୍ରତ୍ୟୁତ୍ପନ୍ନମତ ହୋଇପାର, କିନ୍ତୁ ଅଳସୀ, ଦୀର୍ଘସୂତ୍ରୀ ଏବଂ ଅପରିଣାମଦର୍ଶୀ ହେବା ସର୍ବଥା ଅନୁଚିତ ।

୮୦—ଯଃ ସୁଦୂର୍ନସ୍ଥଳଂ କର୍ମ ଜ୍ଞାତ୍ୱା କର୍ତ୍ତୁଂ ବ୍ୟବସ୍ୟତି
ଦ୍ରାଗାଦୌ ଦୀର୍ଘଦର୍ଶୀ ସ୍ୟାତ୍ ସଚିରଂ ଲଭତେ ସୁଖମ୍ ।

ଯେଉଁଲୋକ କାର୍ଯ୍ୟର ଭବିଷ୍ୟତ୍ ଫଳାଫଳ ନିଜର ସୂକ୍ଷ୍ମ ବୁଦ୍ଧି ଦ୍ୱାରା ଜାଣିପାରି ସ୍ଥିରକରେ ତାହାକୁ ଦୀର୍ଘଦର୍ଶୀ (ଅନାଗତ ବିଧାତା) କହନ୍ତି । ସେ ସର୍ବଦା ସୁଖଭୋଗକରେ ।

Digitized by srujanika@gmail.com

୮୧—ପ୍ରତ୍ୟୁତ୍ପନ୍ନ-ମତିଃ ପ୍ରାପ୍ତାଂ କ୍ରିୟାଂ ବ୍ୟବସ୍ୟତି ।
ସିଦ୍ଧିଃ ସାଂଶୟିକୀ ତସ୍ୟ ତ୍ୱପଲ୍ୟାଚ୍ଚ କାର୍ଯ୍ୟ ଗୌରବାତ୍ ॥

କାର୍ଯ୍ୟ ଉପସ୍ଥିତ ହେବାମାତ୍ରେ ତାହା କରିବା ପାଇଁ ଯେ ଚେଷ୍ଟାକରେ ତାକୁ ପ୍ରତ୍ୟୁତ୍ପନ୍ନମତି କହନ୍ତି । ପ୍ରତ୍ୟୁତ୍ପନ୍ନମତିହୋଇ କାର୍ଯ୍ୟକଲେ କାର୍ଯ୍ୟସିଦ୍ଧିରେ ସନ୍ଦେହ ଥାଏ, କାର୍ଯ୍ୟ ଅପେକ୍ଷା ସମୟ ଅଳ୍ପଥାଏ, ଏଣୁ ଭଲଭାବରେ କାର୍ଯ୍ୟ କରିହୁଏ ନାହିଁ ।

୮୨—ସତତେ ନୈବ କାଲେଽପି କ୍ରିୟାଂ କର୍ତ୍ତୁଂ ଚ ଯାଲସଃ
ନ ସିଦ୍ଧିଃ ତସ୍ୟ କୁତ୍ରାପି ସ ନଶ୍ୟତି ଚ ସାନ୍ୱୟଃ ।

କାର୍ଯ୍ୟ କରିବାର ସମୟ ଉପସ୍ଥିତ ହେଲେମଧ୍ୟ ଯେଉଁ ବ୍ୟକ୍ତି ଆଳସ୍ୟପରାୟଣ ହୋଇ ତାହା ନ କରେ ତାହାକୁ ଦୀର୍ଘସୂତ୍ରୀ କହନ୍ତି । ତାର କୌଣସି କାର୍ଯ୍ୟ ସଫଳ ହୁଏନାହିଁ ଏବଂ ସେ କାର୍ଯ୍ୟର ସହିତ ନିଜେମଧ୍ୟ ବିନଷ୍ଟ ହୋଇଥାଏ ।

୮୩—କ୍ରିୟାଫଳ ମବିଜ୍ଞାୟ ଯତତେ ସାହସୀ ଚ ସଃ
ଦୁଃଖଭାଗୀ ଭବତ୍ୟେବ କ୍ରିୟାୟାଂ ତତ୍ଫଲେନବା ।

ଯେଉଁ ଲୋକ କାର୍ଯ୍ୟର ପରିଣାମ (ଶେଷଫଳ)କୁ ବିଚାର ନ କରି କାର୍ଯ୍ୟରେ ପ୍ରବୃତ୍ତ ହୁଏ, ତାହାକୁ ସାହସୀ (ଅପରିଣାମଦର୍ଶୀ) କହନ୍ତି । ସେ ସର୍ବଦା ଦୁଃଖ ଭୋଗକରେ । କେତେବେଳେ କାର୍ଯ୍ୟ କରୁଥିବା ସମୟରେ ଦୁଃଖ ପାଇଥାଏ, କେତେବେଳେ କାର୍ଯ୍ୟର ପରିଣାମରେ ଦୁଃଖ ପାଇଥାଏ ।

୮୪—ମହତ୍କାଲେ ନାଳ୍ପକର୍ମ ଚିରକାରୀ କରୋତି ଚ
ସ ଶୋଚତ୍ୟଳ୍ପ ଫଳତୋ ଦୀର୍ଘଦର୍ଶୀ ଭବେଦତଃ ।

ବହୁ ସମୟ ମଧ୍ୟରେ ଯେ ଅଳ୍ପକାମକରେ ତାହାକୁ ଚିରକାରୀ କହନ୍ତି । ସେ ଲାଭର ସ୍ୱଳ୍ପତା ଯୋଗୁଁ ସର୍ବଦା ଦୁଃଖ ଭୋଗକରେ । ଏଣୁ ସର୍ବଦା ଦୀର୍ଘଦର୍ଶୀ (ଅନାଗତ ବିଧାତା) ହେବା ଉଚିତ ।

Digitized by srujanika@gmail.com

୮୫—ନିଷ୍ଫଳଂ ବାପି ପ୍ରଭବେତ୍ କଦାଚତ୍ ସୁବିଚାରିତମ୍ ।
ତଥାପି ନୈବ କୁର୍ବୀତ ସହସା ନର୍ଥକାରୀତତ୍ ॥

ସୁଚିନ୍ତିତ କାର୍ଯ୍ୟକ୍ରମ ମଧ୍ୟ କେବେ କେବେ ଦୈବବଶତଃ ନିଷ୍ଫଳ ହୋଇଥାଏ । ତଥାପି କୌଣସିକାର୍ଯ୍ୟକୁ ବିଚାର ନ କରି କରିବା ଅନୁଚିତ । ଯେହେତୁ ଅବିଚାରିତ କାର୍ଯ୍ୟଦ୍ୱାରା ମନୁଷ୍ୟ ସର୍ବଦା ଦୁଃଖ ପାଇଥାଏ ।

୮୬—ନାତ୍ୟନ୍ତଂ ବିଶ୍ୱସେତ୍ କଂଚତ୍ ବିଶ୍ୱସ୍ତମପି ସର୍ବଦା ।
ପ୍ରାମାଣିକଂ ଗୃହୀତ୍ୱାନୁଭୂତ ମାପ୍ତଂ ସର୍ବଂ ବିଶ୍ୱସେତ୍ ॥

ଯେ କୌଣସି ଲୋକକୁ ହଠାତ୍ ବିଶ୍ୱାସ କରିବ ନାହିଁ । ନିଜର ବିଶ୍ୱସ୍ତ ବନ୍ଧୁ ହେଲେ ମଧ୍ୟ ତାଠାରେ ଅତ୍ୟଧିକ ବିଶ୍ୱାସ କରିବ ନାହିଁ । ଯାହା ଲୋକଙ୍କର ସମ୍ମୁଖରେ ପ୍ରମାଣିତ ହୋଇଛି, ଯାହା ନିଜର ଅନୁଭୂତ ଏବଂ ଋଷିବାକ୍ୟ ଏସବୁ ବିଷୟରେ ବିଶ୍ୱାସ କରିବ ।

୮୭—ଦାନୈଃ ମାନୈଶ୍ଚ ସତ୍କାରୈଃ ସୁପୂଜ୍ୟାନ୍ ପୂଜୟେତ୍ ସଦା ।
କଦାପି ନୋଗ୍ରଦଣ୍ଡଃ ସ୍ୟାତ୍ କଟୁଭାଷଣେ ତତ୍ପରଃ ॥

ପୂଜ୍ୟ ସମ୍ମାନାର୍ହ ବ୍ୟକ୍ତିଗଣଙ୍କୁ, ଦାନ (ଉପହାର) ସମ୍ମାନ ପ୍ରଦର୍ଶନ, ସତ୍କାର ଦ୍ୱାରା ସର୍ବଦା ସେବା କରିବ । ଯଦି କର୍ତ୍ତବ୍ୟ ଦୃଷ୍ଟିରୁ ସେମାନଙ୍କୁ ଦଣ୍ଡଦେବାକୁ ପଡ଼େ; ତେବେ କଠୋର ଦଣ୍ଡର ବ୍ୟବସ୍ଥା କଦାପି କରିବ ନାହିଁ କିମ୍ବା କଟୁକଥା କହିବ ନାହିଁ ।

୮୮—ଭାର୍ଯ୍ୟା ପୁତ୍ରୋଽପ୍ୟୁଦ୍ୱିଜତେ କଟୁବାକ୍ୟାତ୍ ପ୍ରଦଣ୍ଡତଃ ।
ପଶବୋଽପି ବଶଂ ଯାନ୍ତି ଦାନୈଶ୍ଚ ମୃଦୁଭାଷଣୈଃ ॥

କଟୁବାକ୍ୟ ଏବଂ କଠୋର ଦଣ୍ଡଦ୍ୱାରା ନିଜର ସ୍ତ୍ରୀ ପୁତ୍ର ମଧ୍ୟ

Digitized by srujanika@gmail.com

ସମୟ ବିଶେଷରେ ଶତ୍ରୁତାଚରଣ କରିଥାନ୍ତି । କିନ୍ତୁ ଦାନ ଏବଂ ମୃଦୁ ବାକ୍ୟ ଦ୍ୱାରା ପଶୁମାନେ ମଧ୍ୟ ବଶୀଭୂତ ହୋଇଥାନ୍ତି ।

୮୯—ଶ୍ରୀମତ୍ତଃ ପୁରୁଷୋ ବେତ୍ତି ନ ଦୁଷ୍କୀର୍ତ୍ତିଂ ମତ୍ତୋ ଯଥା ।
ସ୍ୱ ମୂତ୍ରଗନ୍ଧଂ ମୂତ୍ରେଣ ମୁଖ ମାସିଞ୍ଚତି ସ୍ୱକମ୍ ॥

ଗର୍ବୀ ଧନାଢ୍ୟ ବ୍ୟକ୍ତି ନିଜର ଯଶ ଅପଯଶ ପ୍ରଭୃତି କିଛି ଜାଣିପାରେ ନାହିଁ । ଛେଳି ଯେପରି ମୂତ୍ରର ଗନ୍ଧକୁ ଆଘ୍ରାଣ କରି ତାର ଦୁର୍ଗନ୍ଧ ଦୂର କରିବା ପାଇଁ ପୁଣି ନିଜର ମୂତ୍ରରେ ମୁଖ ପ୍ରକ୍ଷାଳନ କରିଥାଏ । (ବିଦ୍ୟାର୍ଥ ମନରେ ଟଙ୍କ ରହିଲେ ବିଚାରବୁଦ୍ଧି ଶୁଦ୍ଧ ହୁଏ ନାହିଁ । ତେଣୁ ଧନାନ୍ଧ ବ୍ୟକ୍ତି ନିଜର ନିନ୍ଦାକୁ ଦୂରକରିବାପାଇଁ ନିନ୍ଦନୀୟ କାର୍ଯ୍ୟଦ୍ୱାରା ଚେଷ୍ଟା କରିଥାଏ । ଯଥାଃ— କାମାନ୍ଧଛାଗ ମୂତ୍ରକୁ ଆଘ୍ରାଣ କରି ଅଜ୍ଞାନବଶତଃ ମୁଖର ଗନ୍ଧ ଦୂର କରିବା ପାଇଁ ମୂତ୍ରରେ ମୁଖ ପ୍ରକ୍ଷାଳନ କରିଥାଏ ।

୯୦—ସୁବିଦ୍ୟା ମନ୍ତ୍ର ଭୈଷଜ୍ୟଂ ସ୍ତ୍ରୀ ରତ୍ନଂ ଦୁଷ୍କୁଳାଦପି ।
ଗୃହ୍ଣୀୟାତ୍ ସୁପ୍ରଯତ୍ନେନ ମାନ ମୁତ୍ସୃଜ୍ୟ ସାଧକଃ ॥

ଶ୍ରେଷ୍ଠବିଦ୍ୟା, ମନ୍ତ୍ର, ଔଷଧ, ଉତ୍ତମା ସ୍ତ୍ରୀ, ଏସବୁ ନୀଚକୁଳରେ ଥିଲେ ମଧ୍ୟ ଆବଶ୍ୟକ ବେଳେ ଅଭିମାନ ତ୍ୟାଗ କରି ଗ୍ରହଣ କରିବ ।

୯୧—ଉପେକ୍ଷେତ ପ୍ରଣଷ୍ଟଂଯତ୍ ପ୍ରାପ୍ତଂ ଯତ୍ ତଦୁପା ହରେତ୍ ।
ନ ବାଲଂ ନ ସ୍ତ୍ରିୟଂ ଗୃତ ଲାଲୟେତ୍ ତାଡ଼ୟେତ୍ ନ ଚ ॥

ଯାହା ନଷ୍ଟହୋଇ ଗଲାଣି ତାହା ଭୁଲିଯାଅ, ଯାହା ପାଉଛ ସେଥିରେ ଆନନ୍ଦ ଅନୁଭବ କର, ସ୍ତ୍ରୀ ଏବଂ ବାଳକମାନଙ୍କୁ ଅତ୍ୟନ୍ତ ଲାଳନ (ଗେହ୍ଲା) କରିବ ନାହିଁ କିମ୍ବା ଅତ୍ୟନ୍ତ କଠୋର ଶାସନରେ ମଧ୍ୟ ରଖିବ ନାହିଁ ।

Digitized by srujanika@gmail.com

୧୨—ସର୍ପୋଽଗ୍ନି ର୍ଦୁର୍ଜ୍ଜନୋ ରାଜା ଜାମାତା ଭଗିନୀ ସୁତଃ ।
ରୋଗ ଶତ୍ରୁ ର୍ନାବ ମାନ୍ୟା ସ୍ୱଳ୍ପ ଇତ୍ୟୁପକ୍ରମରତଃ ॥

ସର୍ପ, ଅଗ୍ନି, ଦୁଷ୍ଟଲୋକ, ରାଜା, ଜୁଆଇଁ, ଭଣଜା, ରୋଗ, ଶତ୍ରୁ, ଏମାନଙ୍କୁ କ୍ଷୁଦ୍ର ମନେକରି ଅବହେଳା କରିବ ନାହିଁ ।

୧୩—ଯାଚକାଦୈ୍ୟଃ ପ୍ରାର୍ଥିତଃ ସନ୍ ନ ତୀକ୍ଷ୍ଣଂ ପ୍ରୋତ୍ତରଂ ବଦେତ୍ ।
ତତ୍କାର୍ଯ୍ୟଂ ତୁ ସମର୍ଥ ଶ୍ଚେତ୍ କୁର୍ଯ୍ୟାଦ୍ୱା କାରୟୀତ ଚ ॥

କୌଣସି କିଛି ପାଇବା ଆଶାରେ ପ୍ରାର୍ଥନା କରେ; ଯଦି ସମର୍ଥ ଅଛ ତେବେ ତାର ଅଭିଳାଷ ପୂର୍ଣ୍ଣ କରିବ । ଅସମର୍ଥ ଥିଲେ ଅନ୍ୟର ଦ୍ୱାରା ତାହା କରାଇବା ପାଇଁ ଚେଷ୍ଟା କରିବ । ସେଥିରେ ଯଦି ଅସମର୍ଥ ହୁଅ, ତେବେ ମୃଦୁ ବାକ୍ୟ ଦ୍ୱାରା ପ୍ରାର୍ଥୀକୁ ପ୍ରବୋଧନା ଦେବ । କିନ୍ତୁ କଠୋର ବାକ୍ୟ କଦାପି ବ୍ୟବହାର କରିବ ନାହିଁ ।

୧୪—କାଲେ ହିତ ମିତାହାରୀ ବିହାରୀ ବିଘସାଶନଃ ।
ଅଦୀନାତ୍ମାଚ ସୁସ୍ୱପ୍ନଃ ଶୁଚିଃ ସ୍ୟାତ୍ ସର୍ବଦା ନରଃ ॥

ନିର୍ଦ୍ଦିଷ୍ଟ ସମୟରେ ହିତକର ଖାଦ୍ୟ ଭୋଜନ କରିବ । ନିୟମିତ ଭାବେ (ବ୍ୟାୟାମ) ଭ୍ରମଣ କରିବ, ଯଥାସମ୍ଭବ ଅତିଥି ସତ୍କାର କିମ୍ବା ଦେବ ପୂଜନ ପରେ ଭୋଜନ କରିବ । ଅନ୍ୟ ନିକଟରେ ନିଜର ଦୀନତା ପ୍ରକାଶ କରିବନାହିଁ । ସୁଖପୂର୍ବକ ଶୟନ କରିବ । ଦେହ, ବାକ୍ୟ ଓ ମନକୁ ସର୍ବଦା ପବିତ୍ର ରଖିବ ।

୧୫—କୁର୍ଯ୍ୟାତ୍ ବିହାର ମାହାରଂ ନିର୍ହାରଂ ବିଜନେ ସଦା ।
ବ୍ୟବସାୟୀ ସଦା ଚ ସ୍ୟାତ୍ ସୁଖଂ ବ୍ୟାୟାମ ମଭ୍ୟସେତ୍ ॥

ସ୍ତ୍ରୀ ସହବାସ, ଭୋଜନ, ମଳମୂତ୍ରତ୍ୟାଗ, ଏସବୁ କାର୍ଯ୍ୟ ନିର୍ଜନ ସ୍ଥାନରେ କରିବ । ସର୍ବଦା ଉତ୍ସାହୀ ହେବ, ଆନନ୍ଦପ୍ରଦ ବ୍ୟାୟାମ ଅଭ୍ୟାସ କରିବ ।

Digitized by srujanika@gmail.com

୧୬—ସ୍ୱଦାରଂ ଚୈବ ସ୍ୱସ୍ତ୍ରୀଭିଃ ବେଶ୍ୟାଭିଃ ନ କଦାଚନ ।
ନ ଯୁଦ୍ଧଂ କୁଶଳୈଃ ସାର୍ଦ୍ଧଂ ବ୍ୟାୟାମଂ ନତଭିଃବରମ୍ ।

ନିଜର ସ୍ତ୍ରୀ ସହିତ ଆମୋଦ କରିବ, କିନ୍ତୁ କେବେହେଁ ବେଶ୍ୟାସକ୍ତ ହେବନାହିଁ । ମଲ୍ଲଯୁଦ୍ଧ ଜାଣିଥିବା ଲୋକ ସହିତ ମଲ୍ଲଯୁଦ୍ଧ କରିବ ଏବଂ ସଂଯତ ଲୋକ ସହିତ ବ୍ୟାୟାମ କରିବ ।

୧୭—ହିତ୍ୱା ପ୍ରାକ୍ ପଶ୍ଚିମୌ ଯାମୌ ନିଶିସ୍ୱାପୋ ବରୋମତଃ ।
ଦୀନାନ୍ଧ ପଙ୍ଗୁ ବଧୀରାଃ ନୋପହାସ୍ୟାଃ କଦାଚନ ॥

ରାତିର ପ୍ରଥମ ଓ ଶେଷ ପ୍ରହରକୁ ଛାଡ଼ି ଅନ୍ୟ ଦୁଇପ୍ରହର ନିଦ୍ରା କରିବ । ଦରିଦ୍ର, ଅନ୍ଧ, ଛୋଟା, କାଲ ଏମାନଙ୍କୁ କେବେ ହେଲେ ଉପହାସ କରିବ ନାହିଁ ।

୧୮—ନାକାର୍ଯ୍ୟେତୁ ମତିଂ କୁର୍ଯ୍ୟାତ୍ ପ୍ରାକ୍ ସ୍ୱକାର୍ଯ୍ୟଂଚ ସାଧୟେତ୍ ।
ଉଦ୍‌ଯୋଗେନ ବଲେନୈବ ବୁଦ୍ଧ୍ୟା ଧୈର୍ଯ୍ୟେଣ ସାହସାତ୍ ॥
ପରାକ୍ରମେଣୋର୍ଜବେନ ମାନ ମୁତ୍‌ସୃଜ୍ୟ ସାଧକଃ ।
ନାନିଷ୍ଟଂ ପ୍ରବଦେତ୍ କସ୍ମିନ୍ ନ ଛିଦ୍ରଂ କସ୍ୟ ଲକ୍ଷ୍ୟୟେତ୍ ॥

ଅକାର୍ଯ୍ୟରେ ମନ ଦେବ ନାହିଁ, ଉଦ୍‌ଯୋଗ, ଶାରୀରିକ ବଳ, ବୁଦ୍ଧି, ସାହସ, ବୀରତ୍ୱ, ଧୈର୍ଯ୍ୟ, ସରଳତା ପ୍ରଭୃତି ଗୁଣଦ୍ୱାରା ହୃଦୟରୁ ଅଭିମାନ ତ୍ୟାଗପୂର୍ବକ ଅବିଳମ୍ବେ ନିଜକାର୍ଯ୍ୟ ସାଧନ କରିବ । କାହାକୁ କଟୁକଥା କହିବ ନାହିଁ କିମ୍ବା ପରର ଦୋଷ ଓ ତ୍ରୁଟିକୁ ଲକ୍ଷ୍ୟ କରିବ ନାହିଁ ।

୧୯—ଆଜ୍ଞାଭଙ୍ଗସ୍ତୁ ମହତାଂ ରାଜ୍ଞଃ କାର୍ଯ୍ୟୋ ନ ବୈ କ୍ୱଚିତ୍ ।
ଅସତ୍‌କାର୍ଯ୍ୟ ନିଯୋକ୍ତାରଂ ଗୁରୁଂଆପି ପ୍ରବୋଧୟେତ୍ ॥

ଗୁରୁଜନମାନଙ୍କର ଏବଂ ରାଜାଙ୍କର ଆଦେଶ ଅମାନ୍ୟ କରିବ

Digitized by srujanika@gmail.com

ନାହିଁ । ଯଦି କେହି ତୁମ୍ଭଙ୍କ ଅସତ୍‌କାର୍ଯ୍ୟ କରିବା ପାଇଁ ଆଦେଶ ଦିଅନ୍ତି, ତେବେ ସେ ଗୁରୁସ୍ଥାନୀୟ ହେଲେ ମଧ୍ୟ ତାହାଙ୍କୁ ତାଙ୍କ ଉପଦେଶର ତ୍ରୁଟି ବୁଝାଇଦେବ ।

୧୦୦—ନାତିକଟେମ ଦପି ଲଙ୍ଘୟେତ୍ ସ୍ୱକାର୍ଯ୍ୟ ବୋଧକମ୍ ।
କୃତ୍ୱା ସ୍ୱତନ୍ତ୍ରାଂ ତରୁଣୀଂ ସ୍ତ୍ରିୟଂ ଗଚ୍ଛେ ନ ବୈ କ୍ୱଚିତ୍ ॥

ନିଜଠାରୁ ଧନ ଓ ଜ୍ଞାନରେ ନିକୃଷ୍ଟତର ହେଲେ ମଧ୍ୟ ଯାହାଦ୍ୱାରା ନିଜର କାର୍ଯ୍ୟ ସାଧିତ ହେବ, ତାକୁ କେବେ ହେଲେ ଉପେକ୍ଷା କରିବ ନାହିଁ । ସ୍ତ୍ରୀକୁ ସ୍ୱତନ୍ତ୍ରଭାବେ ଛାଡ଼ିଦେଇ ଅନ୍ୟତ୍ର ଯିବା ଉଚିତ ନୁହେ ।

୧୦୧—ସ୍ତ୍ରୀଭର୍ତ୍ତୃକୋ ଋଣୀ ନିତ୍ୟଂ ସୁଦରିଦ୍ରୋ ଚ ଯାଚକେ ।
ଗୁଣହୀନୋଽଧୀନଃ ସନ୍ ମୃତା ଏତେ ସଜୀବକାଃ ॥

ସ୍ତ୍ରୀର ବଶବର୍ତ୍ତୀ, ଋଣୀ; ଅତ୍ୟନ୍ତ ଦରିଦ୍ର, ଯେ ସର୍ବଦା ଭିକ୍ଷାକରେ, ଯେ ଗୁଣହୀନ ଏବଂ ଯେ ସର୍ବଦା ପରାଧୀନ ଏମାନେ ବଞ୍ଚିଥିଲେ ମଧ୍ୟ ମଲା ସଙ୍ଗେ ସମାନ ।

୧୦୨—ଆୟୁର୍ବିତ୍ତଂ ଗୃହଚ୍ଛିଦ୍ରଂ ମନ୍ତ୍ର ମୈଥୁନ ଭେଷଜମ୍ ।
ଦାନମାନାପମାନଂ ଚ ନ ବୈତାନ୍ ସୁଗୋପୟେତ୍ ॥

ନିଜରବୟସ, ଧନ, ଘରରଛିଦ୍ର, (ଦୋଷ, ତ୍ରୁଟି) ମନ୍ତ୍ର, ମୈଥୁନ, ଔଷଧ, ଦାନ, ଅପମାନ, ଏ ନଅଟି କଥା ଗୋପନୀୟ ରଖିବ ।

୧୦୩—ଦେଶାଟନଂ ରାଜସଭା ବେଶନଂ ଶାସ୍ତ୍ରଚିନ୍ତନମ୍ ।
ବେଶ୍ୟାନିଦର୍ଶନଂ ବିଦ୍ୱତ୍ ମୈତ୍ରୀଂ କୁର୍ଯ୍ୟାଦତନ୍ଦ୍ରିତଃ ॥

ବିଭିନ୍ନଦେଶ ପରିଭ୍ରମଣ, ରାଜସଭା ପ୍ରବେଶ, ଶାସ୍ତ୍ରାନୁଶୀଳନ, ବେଶ୍ୟାସହ ଅଳାପ ବିଦ୍ୱାନ୍‌ମାନଙ୍କ ସହିତ ମିତ୍ରତା ଏ ସବୁକାର୍ଯ୍ୟ

Digitized by srujanika@gmail.com

ସଂଯତ ହୋଇ କରିପାରିଲେ, ମନୁଷ୍ୟର ଜ୍ଞାନଭଣ୍ଡାର ବଢ଼ିଥାଏ । (ବେଶ୍ୟା ନିଦର୍ଶନ—ବିଶଦାର୍ଥ-ବେଶ୍ୟାସହ ସଂଯତହୋଇ କଥାବାର୍ତ୍ତା ମାତ୍ର କଲେ ବହୁତକଛି ଶିକ୍ଷା ମିଳିଥାଏ । କାରଣ ସେ ଜ୍ଞାନୀ, ଅଜ୍ଞାନୀ ଧୂର୍ତ୍ତ, ଚୋର ପ୍ରଭୃତି ବହୁଜନ ସମ୍ପର୍କରେ ଆସି ବହୁପ୍ରକାର କଥା ଏବଂ ବ୍ୟବହାର ଜାଣିଥାଏ । ସେଥିରୁ ଦ୍ୱାରା ସେ କପଟରେ ଲୋକମାନଙ୍କୁ ବଶୀଭୂତ କରିପାରୁଛି ତାହା ହିଁ ଶିକ୍ଷାର ବିଷୟ ।

୧୦୪—ଅନେକେଚ ଧର୍ମାଧର୍ମାଃ ପଦାର୍ଥାଃ ପଶବୋ ନରାଃ ।
ଦେଶାଟନାତ୍ ସ୍ୱାନୁଭୂତାଃ ସଂଗତା ଦେଶରୀତୟଃ ॥

ନାନା ପ୍ରକାର ଧର୍ମ, ବହୁବିଧ ପଦାର୍ଥ, ପର୍ବତ ଓ ଭିନ୍ନଭିନ୍ନ ଜାତିର ମନୁଷ୍ୟ ଏବଂ ପଶୁ ଦେଶ ଭ୍ରମଣଦ୍ୱାରା ଲୋକ ଦେଖିପାରେ । ବିଭିନ୍ନ ଦେଶର ରୀତିନୀତି ଦେଖି ଏବଂ ଅନୁଭବ କରି ସେଥିରୁ ଜ୍ଞାନଲାଭ କରିପାରେ ।

୧୦୫—କୀଦୃଶାଃ ରାଜପୁରୁଷାଃ ନ୍ୟାୟାନ୍ୟାୟଂ ଚ କୀଦୃଶମ୍ ।
ମିଥ୍ୟା ବିବାଦିନଃ କେଚ କେଚୈ ସତ୍ୟ ବିବାଦିନଃ ॥
କୀଦୃଶୀ ବ୍ୟବହାରସ୍ୟ ପ୍ରବୃତ୍ତିଃ ଶାସ୍ତ୍ର ଲୋକତଃ ।
ସଭାଗମନ ଶୀଳସ୍ୟ ତଦ୍ ବିଜ୍ଞାନଂ ପ୍ରଜାୟତେ ॥

ରାଜକର୍ମଚାରୀମାନଙ୍କର ଆଚରଣ କିପରି, ନ୍ୟାୟାନ୍ୟାୟର ବିଚାର କିପରି ହେଉଛି, କେଉଁମାନେ ମିଥ୍ୟା କହୁଛନ୍ତି, କେଉଁମାନେ ସତ୍ୟ କହୁଛନ୍ତି, ମାଲିମକଦ୍ଦମାର ବିଚାର ଆଇନ୍ କିମ୍ବା ଲୋକ ବ୍ୟବହାର ଦୃଷ୍ଟିରୁ ନ୍ୟାୟ ସଙ୍ଗତ ହେଉଛି କି ନାହିଁ, ଏ ସବୁ ବିଷୟ ରାଜସଭାକୁ ସର୍ବଦା ଯାଉଥିବା ଲୋକ ଜାଣିପାରେ । (ରାଜସଭା, ଆସେମ୍ବ୍ଲି କିମ୍ବା ପାର୍ଲିଆମେଣ୍ଟ)

Digitized by srujanika@gmail.com

୧୦୬—ଏକଂ ଶାସ୍ତ୍ର ମଧୀୟାନ ନ ବିଦ୍ୟାତ୍ କାର୍ଯ୍ୟନିର୍ଣ୍ଣୟମ୍
ସ୍ୟାତ୍ ବହ୍ୱାଗମ ସନ୍ଦର୍ଶୀ ବ୍ୟବହାରେ ମହାନତଃ ।

ଗୋଟିଏ ମାତ୍ର ଅଧ୍ୟୟନ କରି ମନୁଷ୍ୟ ସବୁପ୍ରକାର କାର୍ଯ୍ୟ ନିର୍ଣ୍ଣୟ କରିପାରେ ନାହିଁ । ଅତଏବ ସର୍ବଦା ଅଭ୍ୟାସପୂର୍ବକ ବହୁଶାସ୍ତ୍ର ଗବେଷଣା କରିବା ଉଚିତ । ଯେହେତୁ ସାଂସାରିକ ବ୍ୟବହାର ବହୁ ଜଟିଳ ଅଟେ ।

୧୦୭—ଶ୍ରୁତି ସ୍ମୃତି ପୁରାଣାନା ମର୍ଥ ବିଜ୍ଞାନ ମେବଚ ।
ସହବାସାତ୍ ପଣ୍ଡିତାନାଂ ବୁଦ୍ଧିଃ ପଣ୍ଡା ପ୍ରଜାୟତେ ।।

ଗୁଣୀମାନଙ୍କର ସହିତ ଏକତ୍ର ବାସକଲେ, ବେଦ, ଧର୍ମଶାସ୍ତ୍ର ଅର୍ଥଶାସ୍ତ୍ର ଏବଂ ନୀତି ଶାସ୍ତ୍ର ପ୍ରଭୃତିରେ ଜ୍ଞାନ ଲାଭ ହୁଏ ଓ ବୁଦ୍ଧି ମଧ୍ୟ ଶୁଦ୍ଧହୁଏ ।

୧୦୮—ମାର୍ଗଂ ଗୁରୁଭ୍ୟୋ ବଳିନେ ବ୍ୟାଧିତାୟ ଶବାୟଚ ।
ରାଜ୍ଞେ ଶ୍ରେଷ୍ଠାୟ ବ୍ରତିନେ ଯାନଗାୟ ସମୁତ୍ସୃଜେତ୍ ।

ଗୁରୁ ଓ ଗୁରୁସ୍ଥାନୀୟ ବ୍ୟକ୍ତି, ବଳବାନ୍‌ଲୋକ, ବ୍ୟାଧିଗ୍ରସ୍ତ ଲୋକ, ଶବ, ରାଜା, ନିଜଠାରୁ ଶ୍ରେଷ୍ଠବ୍ୟକ୍ତି, ବ୍ରତଶୀଳବ୍ୟକ୍ତି, ଯାନାରୋହୀ ଏମାନଙ୍କୁ ରାସ୍ତା ଛାଡ଼ିଦେବ । (ବାଟରେ ଗଲାବେଳେ ଯଦି ଆଗରୁ କିମ୍ବା ପଛରୁ ଆସନ୍ତି, ତେବେ ସେଠାରେ ନିଜେ ରହିଯାଇ ସେମାନଙ୍କୁ ଯିବାପାଇଁ ମାର୍ଗ ଛାଡ଼ିଦେବ ।)

୧୦୯—ଖାଦେ ନ ଗଚ୍ଛେ ଦଧ୍ୱାନଂ ନଚ ହାସେ୍ୟନ ଭାଷଣମ୍ ।
ଶୋକଂ ନ କୁର୍ଯ୍ୟାତ୍ ନଷ୍ଟସ୍ୟ ସ୍ୱକୃତେ ରପି ଜଳ୍ପନମ୍ ।।

ଖାଉଥିବା ଅବସ୍ଥାରେ ବାଟ ଚାଲିବ ନାହିଁ, ଅଟ୍ଟହାସ ପୂର୍ବକ କଥାବାର୍ତ୍ତା କରିବ ନାହିଁ । ଯାହା ନଷ୍ଟ ହୋଇଯାଇଛି ସେଥିପାଇଁ

Digitized by srujanika@gmail.com

ଶୋକ କରିବ ନାହିଁ, କରିଥିବା କାର୍ଯ୍ୟକୁ ସ୍ୱୟଂ ପ୍ରଶଂସାକରି ଅନ୍ୟ ନିକଟରେ ବର୍ଣ୍ଣନା କରିବ ନାହିଁ ।

୧୧୦—ସଶଙ୍କିତାନାଂ ସାମିପ୍ୟଂ ତ୍ୟଜେଦ୍ଦୂରେ ନୀଚ ସେବନମ୍ ।
ଆଳାପଂ ନୈବ ଶୃଣୁୟାତ୍ ଗୁପ୍ତଃ କସ୍ୟାପି ସର୍ବଦା ।
ଭୀରୁ ଲୋକଙ୍କର ନିକଟରେ ରହିବ ନାହିଁ । ନୀଚ ଲୋକର ସେବା କରିବ ନାହିଁ । ଅନ୍ୟର ଗୁପ୍ତ କଥାବାର୍ତ୍ତା ଶୁଣିବାକୁ ଚେଷ୍ଟା କରିବ ନାହିଁ ।

୧୧୧—ଉତ୍ତମୈ ରନନୁଜ୍ଞାତଂ କାର୍ଯ୍ୟଂ ନେଚ୍ଛେତ୍ ଚ ତୈଃ ସହ ।
ଦେବୈଃ ସାକଂ ସୁଧାପାନାତ୍ ରାହୋଶ୍ଛିନ୍ନଂ ଶିରୋଯତଃ ॥
ବିନା ଅନୁମତିରେ ବଡ଼ଲୋକଙ୍କ ସହ ଏକାଠି କୌଣସି କାର୍ଯ୍ୟ କରିବ ନାହିଁ, ରାହୁ ଦେବତାମାନଙ୍କ ସହ ବସି ଅମୃତ ପାନ କରିଥିବାରୁ ତାର ଶିରଚ୍ଛେଦନ କରାଯାଇଥିଲା ।

୧୧୨—ନେଚ୍ଛେତ୍ ମୂର୍ଖସ୍ୟ ସ୍ୱାମିତ୍ୱଂ ଦାସ୍ୟମିଚ୍ଛେତ୍ ମହାତ୍ମନାମ୍ ।
ବିରୋଧଂ ନ ଜ୍ଞାନ ଲବ ଦୁର୍ବିଦଗ୍ଧସ୍ୟ ରଞ୍ଜନମ୍ ॥
ମୂର୍ଖର ପ୍ରଭୁହୋଇ ରହିବାକୁ ଇଚ୍ଛା କରିବ ନାହିଁ । କିନ୍ତୁ ମହାତ୍ମାମାନଙ୍କର ସେବକ ହୋଇ ରହିବା ପାଇଁ ଚେଷ୍ଟା କରିବ । ଅଳ୍ପଜ୍ଞ ଲୋକ ସହ ବିବାଦ କରିବ ନାହିଁ କିମ୍ବା ତାର ମନକୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରିବ ନାହିଁ ।

୧୧୩—ଅତ୍ୟାବଶ୍ୟ ମନାବଶ୍ୟଂ କ୍ରମାତ୍ କାର୍ଯ୍ୟଂ ସମାଚରେତ୍ ।
ପ୍ରାକ୍ ପଶ୍ଚାତ୍ ପ୍ରାକ୍ ବିଲମ୍ବେନ ପ୍ରାପ୍ତଂ କାର୍ଯ୍ୟଂ ତୁ ବୁଦ୍ଧିମାନ୍ ॥
କେତେକ କାର୍ଯ୍ୟ ଅଛି, ଯାହାସବୁ ହଠାତ୍ ନ କଲେ ନ ଚଳେ ଏବଂ ଆଉ କେତେକ କାର୍ଯ୍ୟ ବିଳମ୍ବରେ କଲେ ମଧ୍ୟ

Digitized by srujanika@gmail.com

ଚଳିଯିବ । ଏପରି ଅବସ୍ଥାରେ ବୁଦ୍ଧିମାନ୍ ବ୍ୟକ୍ତି ଯାହା ନ କଲେ ନ ଚଳେ ସେହି କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରିଦେବ ଏବଂ ପରେ ଅନ୍ୟ କାର୍ଯ୍ୟକୁ ଧୀରେ ଧୀରେ କରିବାପାଇଁ ଚେଷ୍ଟା କରିବ ।

୧୧୪—ପ୍ରେମ୍ଣା ସମୀପବାସେନ ସ୍ତୁତ୍ୟା ନତ୍ୟାଚ ସେବୟା ।
କୌଶଲ୍ୟେନ କଳାଭିଶ୍ଚ କଥାଭିର୍ଜ୍ଞାନତୋଽପିବା ॥
ଆଦରେଣାର୍ଜବେ ନୈବ ଶୌର୍ଯ୍ୟାତ୍ ଦାନେନ ବିଦ୍ୟୟା ।
ପ୍ରତ୍ୟୁତ୍ଥାନା ଭିଗମନୈ ର୍ଗନନ୍ଦ ସ୍ମିତ ଭାଷଣୈଃ ।
ଉପକାରୈଃ ସ୍ୱାଶୟ୍ୟେନ ବଶୀକୁର୍ଯ୍ୟାତ୍ ଜଗତ୍ସଦା ॥

ସଂସାରକୁ ବଶକରିବା ପାଇଁ ନିମ୍ନ ଉପାୟଗୁଡ଼ିକ ଅବଲମ୍ବନ କରାଯାଇପାରେ । ଯଥା :—ପ୍ରେମ, ଏକତ୍ରବାସକରିବା, ଗୁଣଗାନ-କରିବା, ପ୍ରଣାମକରିବା, ସେବାକରିବା, କୌଶଳ ପ୍ରଦର୍ଶନ କରିବା, କଳାବିଦ୍ୟା, ନାନାପ୍ରକାର ଗଳ୍ପକଥନ, ଜ୍ଞାନ, ଆଦର କରିବା, ସରଳ ବା ସତ୍‌ଚୋଟ ବ୍ୟବହାର, ବୀରତ୍ୱ ପ୍ରଦର୍ଶନ, ଦାନକରିବା, ବିଦ୍ୟାଉପାର୍ଜନ କରିବା, ସମ୍ମାନ ପ୍ରଦର୍ଶନକରିବା, ସ୍ୱାଗତଜ୍ଞାପନ, ଆନନ୍ଦ ଓ ଈଷତ୍ ହାସ୍ୟପୂର୍ବକ ଅଭିଭାଷଣ, ପରର ଉପକାର କରିବା ଏବଂ ନିର୍ମଳ ହୃଦୟହେବାଦ୍ୱାରା ଜଗତ୍ ସର୍ବଦା ବଶୀଭୂତ ହୋଇଥାଏ ।

୧୧୫—ଏତେ ବଶକରୋପାୟାଃ ଦୁର୍ଜନେ ନିଷ୍ଫଳା ସ୍ମୃତାଃ ।
ତତ୍ ସନ୍ନିଧିଂ ତ୍ୟଜେତ୍ ପ୍ରାଜ୍ଞଃ ଶକ୍ତସ୍ତଂ ଦଣ୍ଡତୋଜୟେତ୍ ॥

ଉପର୍ଯ୍ୟୁକ୍ତ ବଶୀକରଣର ଉପାୟସବୁ ଦୁର୍ଜନ ଲୋକଙ୍କଠାରେ ନିଷ୍ଫଳ ହୋଇଥାଏ । ଅତଏବ ସାଧୁଲୋକ ତାର ସାମୀପ୍ୟ ସର୍ବଦା ପରିତ୍ୟାଗ କରିବ । ଅଥବା ଯଦି ଶକ୍ତିଥାଏ ତେବେ ତାକୁ ଦଣ୍ଡଦେଇ ନିଜର ଅଧୀନତାରେ ରଖିବ ।

Digitized by srujanika@gmail.com

୧୧୬—ମୃଗୟାକ୍ଷାଃ ସ୍ତ୍ରୀୟଃ ପାନଂ ବ୍ୟସନାନି ନୃଣାଂସଦା ।
ତତ୍ତ୍ୱାଦୌର୍ଯ୍ୟଭାନି ସତ୍ୟଜ୍ୟ ଯୁକ୍ତ୍ୟା ସଂଯୋଜୟେତ୍ କ୍ୱଚିତ୍ ॥

ମୃଗୟା, ଦ୍ୟୁତକ୍ରୀଡ଼ା, ସ୍ତ୍ରୀସମ୍ଭୋଗ, ମଦ୍ୟପାନ, ଏ ଗୁଡ଼ିକ ମନୁଷ୍ୟର ବ୍ୟସନ ଅଟେ । ଅର୍ଥାତ୍ ଏ ସବୁକୁ ଅଭ୍ୟାସକଲେ ମନୁଷ୍ୟର ମାନବିକତା ନଷ୍ଟ ହୋଇଥାଏ । ଅତଏବ ଏ ସବୁ ଯତ୍ନ-ପୂର୍ବକ ପରିତ୍ୟାଗ କରିବ । ଯଦି କେବେ ଆବଶ୍ୟକହୁଏ, ତେବେ ସଂଯତହୋଇ ଅଳ୍ପମାତ୍ରାରେ ଶାସ୍ତ୍ର ସମ୍ମତ ଉପଭୋଗ କରିବ ।

୧୧୭—କୁଟେନ ବ୍ୟବହାରଂତୁ ବୃତ୍ତିଲୋପଂ ନ କସ୍ୟଚିତ୍ ।
ନ କୁର୍ଯ୍ୟାତ୍ ଚିନ୍ତୟେତ୍ କସ୍ୟ ମନସାପ୍ୟହିତଂ କ୍ୱଚିତ୍ ॥

ଜାଲ୍ ଲେଖାଦ୍ୱାରା କାହାର ନାମରେ ମକଦ୍ଦମା କରିବ ନାହିଁ । କୌଣସି ଲୋକର ଜୀବିକାର୍ଜନର ପନ୍ଥା ଲୋପକରିବ ନାହିଁ । ପରର ଅପକାର ମନରେ ସୁଦ୍ଧା ଚିନ୍ତାକରିବ ନାହିଁ ।

୧୧୮—କୁର୍ଯ୍ୟାତ୍ ଯଥା ସମୀକ୍ଷ୍ୟୈତତ୍ ସୁଖଂ ସୁପ୍ୟାତ୍ ଚିରଂ ନରଃ ।
ରାଜ୍ଞୋନାନୁକୃତଂ କୁର୍ଯ୍ୟାତ୍ ନ ଚ ଶ୍ରେଷ୍ଠସ୍ୟ କସ୍ୟଚିତ୍ ॥

ପ୍ରତିଦିନ ଏପରି କାର୍ଯ୍ୟ କରିବ, ଯାହାଦ୍ୱାରା ମନରେ ଶାନ୍ତି ଆସିବ ଏବଂ ସୁଖପୂର୍ବକ ରାତିରେ ଶୋଇପାରିବ । ରାଜାଙ୍କର କିମ୍ବା ଅନ୍ୟ କୌଣସି ମହତ୍ ବ୍ୟକ୍ତିଙ୍କର ଅନୁକରଣ କରିବ ନାହିଁ ।

୧୧୯—ନୈକୋ ଗଚ୍ଛେତ୍ ବ୍ୟାଲବ୍ୟାଘ୍ର ଚୌରେଷୁ ଚ ପ୍ରବାଧିତୁମ୍ ।
ଜଘାଂସନ୍ତଂ ଜଘାଂସିୟାତ୍ ଗୁରୁମପ୍ୟାତତାୟିନମ୍ ॥

ସର୍ପ, ବ୍ୟାଘ୍ର, ଚୋର ପ୍ରଭୃତିଙ୍କୁ ମାରିବା ପାଇଁ ଏକାକୀ କେବେହେଲେ ପ୍ରବୃତ୍ତ ହେବ ନାହିଁ । ଯେ ହତ୍ୟାକରିବାକୁ

Digitized by srujanika@gmail.com

ଉଦ୍ୟତ ଥିବ ତାକୁ ହତ୍ୟାକରିବ । ଗୁରୁହେଲେ ସୁଦ୍ଧା ସେ ଯଦି ହତ୍ୟାକରିବା ପାଇଁ ଅସ୍ତ୍ରଧାରଣ କରିଥାନ୍ତି, ତେବେ ତାଙ୍କୁ ମଧ୍ୟ ହତ୍ୟାକରିବ ।

୧୨୦—ନ ଶ୍ରିୟା କଥିତଂ ସମ୍ୟକ୍ ମନ୍ତୁତେ୍ଽନୁଭବଂ ବିନା ।
ଅପରାଧଂ ମାତୃସ୍ନୁଷା ଭ୍ରାତୃପତ୍ନୀ ସପତ୍ନୀଜମ୍ ॥

ପୁତ୍ରବଧୂ, ଭ୍ରାତୃପତ୍ନୀ (ଭାଉଜ, ଭାଇବୋହୂ) ସପତ୍ନୀ (ସଉତୁଣୀ) ଏମାନଙ୍କର ଦୋଷ ଯଦି ନିଜ ସ୍ତ୍ରୀ କହେ, ତେବେ ନିଜେ ଅନୁଭବ ନ କରି ଦୋଷକୁ ସତ୍ୟବୋଲି ମନେ କରିବ ନାହିଁ ।

୧୨୧—କନ୍ୟାବରୟତେ ରୂପଂ ମାତାବିତ୍ତଂ ପିତା ଶ୍ରୁତମ୍ ।
ବାନ୍ଧବାଃ କୁଳମିଚ୍ଛନ୍ତି ମିଷ୍ଟାନ୍ନମିତରେ ଜନାଃ ॥

ବିବାହ ସମୟରେ କନ୍ୟା ବରର ସୌନ୍ଦର୍ଯ୍ୟ କାମନାକରେ, କନ୍ୟାର ମାତା ବରର ସମ୍ପଦ, କନ୍ୟାର ପିତା ବରର ଅଧ୍ୟୟନ କାମନା କରେ । ବନ୍ଧୁମାନେ ବରର ଆଭିଜାତ୍ୟ ଚାହାଁନ୍ତି । ଅନ୍ୟମାନେ କେବଳ ଭୋଜିଭାତ, ସ୍ୱାଦୁମିଷ୍ଟାନ୍ନ ପ୍ରଭୃତି ପାଇବେ ତାହା ଇଚ୍ଛାକରନ୍ତି ।

୧୨୨—କ୍ଷଣଶଃ କଣଶଶ୍ଚୈବ ବିଦ୍ୟା ମର୍ଥଂଚ ସାଧୟେତ୍ ।
ନତ୍ୟାଜ୍ୟୌ ତୁ କ୍ଷଣକଣୌ ନିତ୍ୟଂ ବିଦ୍ୟା ଧନାର୍ଥିନୌ ॥

ପ୍ରତିକ୍ଷଣ ଏବଂ ପ୍ରତିକଣ (କଣ=ଏକ ଚାଉଳର ଦୁଇଭାଗରୁ ଏକଭାଗ) କୁ ସୁଦ୍ଧା ଉପେକ୍ଷା ନ କରି ବିଦ୍ୟା ଏବଂ ଧନକୁ ସଂଗ୍ରହ କରିବ । ବିଦ୍ୟାର୍ଥୀ ଏବଂ ଧନାର୍ଜନ କରିବାକୁ ଇଚ୍ଛୁକ ବ୍ୟକ୍ତି ପକ୍ଷରେ ଏକ କ୍ଷଣ ଏବଂ ଏକ କଣ ସୁଦ୍ଧା ତ୍ୟାଗ କରିବା ଉଚିତ ନୁହେଁ ।

Digitized by srujanika@gmail.com

୧୨୩—ଭବ ସଂରକ୍ଷଣ କ୍ଷମଂ ଧନଂ ଯତ୍ନେନ ରକ୍ଷୟେତ୍ ।
ଜୀବାମି ଶତବର୍ଷଂ ତୁ ନନ୍ଦାମି ଚ ଧନେନ ବୈ ॥
ଇତି ବୁଦ୍ଧ୍ୟା ସଂଚିନୁୟାତ୍ ଧନଂ ବିଦ୍ୟାଦିକଂ ସଦା ॥

ଭବିଷ୍ୟତରେ ଯେପରି ରକ୍ଷା ପାଇପାରିବ, ସେହି ପରିମାଣରେ ଧନ ସଞ୍ଚୟକରି ରଖିବ । ମୁଁ ଶହେ ବର୍ଷ ବଞ୍ଚିବ ଏବଂ ଏହି ଧନ ଉପଭୋଗ କରିବି ଏପରି ବିଚାରକରି ଧନ ସଞ୍ଚୟ କରିବ, ବିଦ୍ୟା ମଧ୍ୟ ଅଭ୍ୟାସ କରିବ ।

୧୨୪—ବିଦ୍ୟାଧନଂ ଶ୍ରେଷ୍ଠଧନଂ ତନ୍ମୂଳମିତରଦ୍ ଧନମ୍ ।
ଦାନେନ ବର୍ଦ୍ଧତେ ନିତ୍ୟଂ ନଭାରାୟ ନ ନୀୟତେ ॥

ବିଦ୍ୟାଧନ ଅନ୍ୟଧନମାନଙ୍କ ମଧ୍ୟରେ ଶ୍ରେଷ୍ଠଧନ, ଅନ୍ୟ ସବୁ ବିଦ୍ୟାମୂଳକ ଅଟେ । ଅନ୍ୟଧନ ଦାନଦେଲେ କ୍ଷୀଣ ହୁଏ । କିନ୍ତୁ ବିଦ୍ୟାଧନ ଦାନକଲେ ବଢ଼େ । ଦେହରେ ଥିଲେ ଶରୀର ଭାରାକ୍ରାନ୍ତ ହୁଏନାହିଁ । ଚୋର ମଧ୍ୟ ଚୋରିକରି ନେଇପାରେ ନାହିଁ ।

୧୨୫—ନୈବାସ୍ତି ଲିଖିତା ଦନ୍ୟତ୍ ସ୍ମାରକଂ ବ୍ୟବହାରିଣାମ୍ ।
ନ ଲେଖେନ ବିନା କୁର୍ଯ୍ୟାତ୍ ବ୍ୟବହାରଂ ସଦାବୁଧଃ ॥

ଧାନ, ଟଙ୍କା, ପ୍ରଭୃତି ବ୍ୟବହାରରେ ଲେଖା ପ୍ରମାଣଠାରୁ ଅତି ଅଧିକ ପ୍ରମାଣ ନାହିଁ । ଏଣୁ ବିନା ଲେଖାରେ ଟଙ୍କା ଇତ୍ୟାଦି ଦିଅନିଅ କରିବା ଉଚିତ ନୁହେ ।

୧୨୬—ନୈସ୍ୟର୍ଥେ ଯାଚିତଂ ଦଦ୍ୟାତ୍ ଅକୁସୀଦଂ ଧନଂ ସଦା ।
ତସ୍ମିନ୍ ସ୍ଥିତବତ୍ସେତ୍ ନ ବନ୍ଧୁ ହାନିକୃତ ତଥାବିଧମ୍ ॥

ନିଜର ବନ୍ଧୁ ସଦ ଅଭାବରେ ପଡ଼ି, ଧନ ପ୍ରାର୍ଥନାକରେ

Digitized by srujanika@gmail.com

ତେବେ ତାହାଙ୍କୁ ବିନା ସୁଧରେ ଧନ ଦିଆଯାଇପାରେ । ସେପରି କଲେ ବ୍ୟବସାୟରେ ବିଶେଷକିଛି କ୍ଷତି ହୁଏନାହିଁ ।

୧୨୭—ନ ଦଦ୍ୟାତ୍ ବୃଦ୍ଧିଲୋଭେନ ନଷ୍ଟଂ ମୂଳଧନଂ ଭବେତ୍ ।
ଅଦ୍ବାରେ ବ୍ୟବହାରେଚ ତ୍ୟକ୍ତଲଜ୍ଜଃ ସୁଖୀ ଭବେତ୍ ॥

ଯେଉଁଠାରେ ମୂଳଧନ ନଷ୍ଟହେବାର ସମ୍ଭାବନାଅଛି, ସେପରି ସ୍ଥଳରେ ଅଧିକ ସୁଧ ମିଳିଲେ ମଧ୍ୟ ଋଣ ଦେବ ନାହିଁ । ଖାଇବା ଯେ ଏବଂ ଟଙ୍କାପଇସା କାରବାରରେ ଯେ ଲଜ୍ଜା ତ୍ୟାଗକରେ ସେ ସୁଖୀ ହୁଏ ।

୧୨୮—ଧନଂ ମୈତ୍ରୀକରଂଦାନେ ଗ୍ରହାନେ ଶତ୍ରୁକାରକମ୍ ।
କୃତ୍ୱା ସାନ୍ତ୍ରେ ତଥୌଦାର୍ଯ୍ୟଂକାର୍ପଣ୍ୟଂ ବହିରେବଚ ॥

ଧନ ଦେଲାବେଳେ ମିତ୍ରଭାବ ସୃଷ୍ଟି କରିଥାଏ ଏବଂ ଅଣିବାବେଳେ ଶତ୍ରୁଭାବ ସୃଷ୍ଟି କରିଥାଏ । ଧନ ଆଦାୟ କଲାବେଳେ ହୃଦୟରେ ଉଦାରତା ରଖି ବ୍ୟବହାରରେ କୃପଣଭାବ ପ୍ରଦର୍ଶନ କରିବ ।

୧୨୯—ତନ୍ନ୍ୟୂନ ଦର୍ଶନଂନୈବ ତତ୍ ପ୍ରତୀପବିବାଦନମ୍ ।
ଅସାହାଯ୍ୟଂ ଚ ତତ୍କାର୍ଯ୍ୟେ ହ୍ୟାପତ୍ସୁ ଉପେକ୍ଷଣଂ ନ ଚ ॥

ମିତ୍ରପ୍ରତି ବ୍ୟବହାରରେ ନ୍ୟୂନତା ପ୍ରଦର୍ଶନ କରିବ ନାହିଁ । ତାଙ୍କ ସହିତ କଳହକାରୀ ବିବାଦରେ ପ୍ରବୃତ୍ତହେବ ନାହିଁ । ମିତ୍ରର କାର୍ଯ୍ୟରେ ସାହାଯ୍ୟ ନ କରି ଉଦାସୀନ ହୋଇ ରହିବ ନାହିଁ । ତାଙ୍କର କୌଣସି ବିପଦ ଉପସ୍ଥିତ ହେଲେ ତାହାର ପ୍ରତିକାର ନ କରି ତାହାକୁ ଉପେକ୍ଷା କରିବ ନାହିଁ । ଏପରି କଲେ ମିତ୍ରତା ଶୀଘ୍ର ନଷ୍ଟହୁଏ ନାହିଁ ।

Digitized by srujanika@gmail.com

୧୩୦—ସ୍ଥିତୋ ମୃତ୍ୟୁମୁଖେ ଗ୍ରୁହଂ କ୍ଷଣମାତ୍ରଂ ମମାସ୍ତିନ ।
ଇତି ମତ୍ୱା ଦାନଧର୍ମୌ ଯଥେଷ୍ଟୌ ତୁ ସମାଚରେତ୍ ॥

ମୁଁ ବର୍ତ୍ତମାନ ମୃତ୍ୟୁମୁଖରେ ଅବସ୍ଥିତ । ମୁହୂର୍ତ୍ତେ ସୁଦ୍ଧା ମୋର ଆୟୁ ଆଉ ନାହିଁ । ଏହା ଭାବି ଦାନ ଓ ଧର୍ମରେ ପ୍ରବୃତ୍ତ ହେବ ।

୧୩୧—ନଚୌ ବିନାମେ ପରତ୍ର ସହାୟାଃ ସନ୍ତିଚେତରେ ।
ଦାନଶୀଳଶ୍ରୟାଲ୍ଲୋକ ବର୍ତ୍ତତେ ନ ଶଠାଶ୍ରୟାତ୍ ॥

ଦାନ, ଧର୍ମ ଭିନ୍ନ ପରଲୋକରେ ମୋତେ ସାହାଯ୍ୟ କରିବାର ଶକ୍ତି ଆଉ କାହାର ନାହିଁ । ଏହା ଭାବି ଦାନ ଏବଂ ଧର୍ମ ଆଚରଣ କରିବ । ଦାନଶୀଳ ଲୋକଙ୍କୁ ଆଶ୍ରୟକରି ଏ ସଂସାର ତିଷ୍ଠି ରହିଛି । କିନ୍ତୁ ସଂସାର ଧୂର୍ତ୍ତମାନଙ୍କୁ ଆଶ୍ରୟକରି ରହିନାହିଁ ।

୧୩୨—ଉଦ୍ବେଜତେ ଜନଃ କୌର୍ଯ୍ୟାତ୍ କାର୍ପଣ୍ୟାତ୍ ଅତି ନିନ୍ଦତି ।
ମାର୍ଜବାତ୍ ନୈବଗଣୟେତ୍ ଅପମାନୋଽବାଦତଃ ।

ନିଷ୍ଠୁର ହେଲେ ଲୋକେ ବିରକ୍ତ ହୁଅନ୍ତି । କୃପଣ ହେଲେ ନିନ୍ଦାମିଳେ । ଅତି ସରଳ ହେଲେ ଲୋକେ ଖାତିର କରନ୍ତି ନାହିଁ । ବେଶି କହିଲେ ଅପମାନ ମିଳେ ।

୧୩୩—ଅତି ଦାନେନ ଦାରିଦ୍ର୍ୟଂ ତିରସ୍କାରୋଽତି ଲୋଭତଃ ।
ଅତ୍ୟାଗ୍ରହାତ୍ ନରସ୍ୟୈବ ମୌର୍ଖ୍ୟଂ ସଂଜାୟତେ ଧ୍ରୁବ ॥

ଅତିଶୟ ଦାନକଲେ ଲୋକ ଦରିଦ୍ର ହୁଏ । ଅତି ଲୋଭକଲେ ତିରସ୍କାର ମିଳେ । ଅତିଶୟ ଆଗ୍ରହ ପ୍ରକାଶକଲେ ନିଜର ମୂର୍ଖତା ପ୍ରକାଶପାଏ ।

Digitized by srujanika@gmail.com

୧୩୪—ଅନାସ୍ଥିରତ ଧର୍ମହାନି ରତ୍ୟାସ୍ଥିରଣ୍ଣ ମୂର୍ଖତା ।
ସଦ୍ଧିକୋଽସ୍ମୀତି ସର୍ବେଭ୍ୟଃ ସଦ୍ଧିକଂ ଜ୍ଞାନବାନହମ୍ ॥

ଏକାବେଳକେ ଶିଷ୍ଟାଚାର ତ୍ୟାଗ କଲେ ଧର୍ମହାନି ହୁଏ । ଶିଷ୍ଟାଚାରକୁ ଅତିକ୍ରମ କରି ଅନ୍ୟାୟ ଆଚରଣ କଲେ ନିଜର ମୂର୍ଖତା ପ୍ରକାଶ ପାଏ । ମୁଁ ସମସ୍ତଙ୍କଠାରୁ ବଡ, ମୋର ବେଶି ଜ୍ଞାନ ଅଛି, ଏପରି ଭାବନା କେବେହେଲେ କରିବ ନାହିଁ ।

୧୩୫—ପରାଧୀନଂ ନୈବକୁର୍ଯ୍ୟାତ୍ ତରୁଣୀ ଧନ ପୁସ୍ତକମ୍ ।
କୃତଂଚେତ୍ ଲଭ୍ୟତେ ଦୈବାତ୍ ଭ୍ରଷ୍ଟଂ ନଷ୍ଟଂ ବିମର୍ଦ୍ଦିତମ୍ ॥

ସ୍ତ୍ରୀ, ଧନ, ପୁସ୍ତକ ଏସବୁ ଅନ୍ୟକୁ ଦେବା ଅନୁଚିତ, ଅନ୍ୟ ହାତକୁ ଗଲେ ପୁନର୍ବାର ସେସବୁ ପାଇବା କଷ୍ଟକର । ଯଦି ପାଇବ ତେବେ ସ୍ତ୍ରୀ ଚରିତ୍ରହୀନା ହୋଇଥିବ, ଧନ ନଷ୍ଟ ହୋଇଥିବ, ଏବଂ ପୁସ୍ତକ ମଧ୍ୟ ଜୀର୍ଣ୍ଣ ହୋଇଯାଇଥିବ ।

୧୩୬—ଅଜସ୍ର ସେବତୈଃ ଦାନୈଃ ମାନୈଶ୍ଚ ପରିତୋଷିତମ୍ ।
ତୀକ୍ଷ୍ଣବାକ୍ୟାତ୍ ମିତ୍ର ମପି ତତ୍କାଲଂ ଯାତି ଶତ୍ରୁତାମ୍ ॥

ଯେଉଁ ବନ୍ଧୁମାନେ ବହୁକାଳରୁ ଧନ, ସମ୍ମାନ ଲାଭକରି ସନ୍ତୁଷ୍ଟ ହୋଇ ମିତ୍ରତା ସ୍ଥାପନ କରିଥିବେ, ସେମାନେ ସୁଦ୍ଧା କଟୁବାକ୍ୟ ପ୍ରୟୋଗଦ୍ୱାରା ସଙ୍ଗେ ସଙ୍ଗେ ଶତ୍ରୁରୂପେ ପରିଣତ ହୁଅନ୍ତି ।

୧୩୭ -ବହେଦ ମିତ୍ରଂ ସ୍କନ୍ଧେନ ଯାବତ୍ ସ୍ୟାତ୍ ସ୍ୱବଲାଧିକଃ ।
ଜ୍ଞାତ୍ୱା ନଷ୍ଟବଳଂ ତତ୍ତୁ ଭିନ୍ଦ୍ୟାତ୍ ଘଟ ମିବାଶ୍ମନି ॥

ନିଜେ ଦୁର୍ବଳଥିବାଯାଏ ସବଳ ଶତ୍ରୁକୁ ସ୍କନ୍ଧରେ ବହନ କରିବ । ଅର୍ଥାତ୍ ତା' ପ୍ରତି ଶତ୍ରୁତା ନ କରି ମିତ୍ରପରି ବ୍ୟବହାର

Digitized by srujanika@gmail.com

କରୁଥିବ । ସେତେବେଳେ ନିଜେ ତାଠାରୁ ବଳଶାଳୀ ହେବ, ସେତେବେଳ ମାଟିର ପାଦକୁ ପଥରଦ୍ୱାରା ଭାଙ୍ଗିଦେଲାପରି ଶତ୍ରୁର ଅନିଷ୍ଟ ସାଧନ କରିବ ।

୧୩୮—ନ ଭୂଷୟତ୍ୟଲଙ୍କାରଃ ନ ରାଜ୍ୟଂ ନ ଚ ପୌରୁଷମ୍ ।
ନ ବିଦ୍ୟା ନ ଧନଂ ତାଦୃଗ୍ ଯାଦୃକ୍ ସୌଜନ୍ୟ ଭୂଷଣମ୍ ॥

ଏ ସଂସାରରେ ବ୍ୟକ୍ତିର ମହତ୍ତ୍ୱ ଓ ସୌନ୍ଦର୍ଯ୍ୟ ଅଳଙ୍କାର ଦ୍ୱାରା, ରାଜ୍ୟଲାଭ ଦ୍ୱାରା, କିମ୍ବା ମହତ୍‌କାର୍ଯ୍ୟର ସଫଳ ଚେଷ୍ଟା ଦ୍ୱାରା ଯେପରି ବଢ଼ି ନଥାଏ, ଯେପରି କି ଅନ୍ୟପ୍ରତି ମନୋ-ମୁଗ୍ଧକର ସଦ୍‌ବ୍ୟବହାର ଦ୍ୱାରା ବଢିଥାଏ ।

୧୩୯—ଅଶ୍ୱେଜବୋ ବୃଷେ ଧୈର୍ଯ୍ୟଂ ମଣୌକାନ୍ତିଃ କ୍ଷମାନୃପେ ।
ହାବଭାବୌଚ ବେଶ୍ୟାୟାଂ ଗାୟକେ ମଧୁର ସ୍ୱରଃ ॥

ଅଶ୍ୱଠାରେ ଦ୍ରୁତଗତି, ବଳଦଠାରେ ଭାରବହନ କ୍ଷମତା, ମଣିରେ ତେଜ, ରାଜା ବା ଶାସକଠାରେ ସହିଷ୍ଣୁତା, ବେଶ୍ୟାଠାରେ ହାବଭଙ୍ଗୀ, ଗାୟକଠାରେ ମଧୁର ସ୍ୱରଥିବା ନିତାନ୍ତ ଅବଶ୍ୟକ; ତା ନ ହେଲେ ଏମାନେ ନିଜନିଜର କାର୍ଯ୍ୟପାଇଁ ଅନୁପଯୁକ୍ତ ହୁଅନ୍ତି ।

୧୪୦—ଦାତୃତ୍ୱଂ ଧନିକେ, ଶୌର୍ଯ୍ୟଂ ସୈନିକେ, ବହୁଦୁଗ୍ଧତା ।
ଗୋଷୁ, ଦମସ୍ତପସ୍ୱିଷୁ, ବିଦ୍ୱତ୍ସୁ ବାବଦୂକତା ॥

ଦାନଶୀଳ ଧନିକ, ବୀରସୈନିକ, ଦୁଗ୍ଧବତୀ ଗାଭୀ, ସଂଯମୀ ତପସ୍ୱୀ, ବାଗ୍ମୀ, ବିଦ୍ୱାନ୍ ଏମାନେ ସ୍ୱୀୟ ସୁଗୁଣହେତୁ ସଂସାରରେ ଆଦର ପାଇଥାନ୍ତି ।

Digitized by srujanika@gmail.com

୧୪୧—ସର୍ବେଷ୍ୱପକ୍ଷପାତସ୍ତୁ ତଥା ସାକ୍ଷିଷୁ ସତ୍ୟବାକ୍ ।
ଅନନ୍ୟଭକ୍ତିର୍ଭୃତ୍ୟେଷୁ ସୁହୃତୋକ୍ତିସ୍ତୁ ମନ୍ତ୍ରିଷୁ ॥

ବିଚାରକ (ଜଜ)ଠାରେ ନିରପେକ୍ଷତା, ସାକ୍ଷୀଠାରେ ସତ୍ୟବାଦିତା, ଭୃତ୍ୟଠାରେ ପ୍ରଭୁପରାୟଣତା, ଏବଂ ମନ୍ତ୍ରୀମାନଙ୍କଠାରେ ହିତୋକ୍ତି ଶୋଭାପାଏ । ଅର୍ଥାତ୍ ଏସବୁ ଗୁଣଦ୍ୱାରା ଏମାନେ ଖ୍ୟାତି ଲାଭ କରନ୍ତି, ଅନ୍ୟଥା ନିନ୍ଦାର ପାତ୍ର ହୁଅନ୍ତି ।

୧୪୨—ମୌନଂ ମୂର୍ଖେଷୁ ଚ, ସ୍ତ୍ରୀଷୁ ପାତିବ୍ରତ୍ୟଂ ସୁଭୂଷଣମ୍ ।
ମହା ଦୂଭୂର୍ଷଣଂ ଚୈତତ୍ ବିପରୀତ ମମୀଷୁ ଚ ॥

ମୂର୍ଖ ମୌନ ରହିଲେ ନିଜର ସମ୍ମାନ ରଖିପାରେ, ପତିଠାରେ ଭକ୍ତିରଖି ସେବାକଲେ ସ୍ତ୍ରୀ ବଡ଼ ହୋଇଥାଏ । ଉପର୍ଯ୍ୟୁକ୍ତ ତିନୋଟି ଶ୍ଳୋକରେ ଗୁଣଗୁଡ଼ିକ ସେମାନଙ୍କର ଭୂଷଣ ଅଟେ । ଏହାର ବିପରୀତ ସେମାନଙ୍କର ଦୋଷ ଅଟେ । ଯଥାଃ— ଅଶ୍ୱଠାରେ ମନ୍ଥରଗତି ଇତ୍ୟାଦି ।

୧୪୩—ଖଦ୍ୟୋତକଂ ନାଯୁକଂ ନିତ୍ୟଂ ନୈବ ନିର୍ବନ୍ଧୁନାୟୁକମ୍ ।
ନ ଚ ହିଂସ୍ର ମୁପେକ୍ଷେତ ଶକ୍ତ୍ୟା ହନ୍ୟାଚ୍ଚ ତତ୍କ୍ଷଣେ ॥

ଜଣେମାନେ ପରିଚାଳକଥିଲେ ଗୃହ ଶୋଭାପାଏ । ବହୁ ପରିଚାଳକ ଦ୍ୱାରା ଗୃହ ସୁଚାରୁରୂପେ ପରିଚାଳିତ ହୋଇପାରେ ନାହିଁ । ଚାଳକବିହୀନ ଗୃହ ଅଚିରେ ବିନଷ୍ଟ ହୁଏ । ବାଘ, ସାପ, ପ୍ରଭୃତି ହିଂସ୍ର ପ୍ରାଣୀଙ୍କୁ ଦେଖିବାମାତ୍ରେ ଉପେକ୍ଷା ନ କରି ଯଥା-ସାଧ୍ୟ ଶୀଘ୍ର ହତ୍ୟା କରିବ ।

Digitized by srujanika@gmail.com

୧୪୪—ପୈଶୁନ୍ୟ ଚଣ୍ଡତା ଧୈର୍ଯ୍ୟଂ ମାତ୍ସର୍ଯ୍ୟ ମତଲୋଲତା ।
ଅସତ୍ୟ କାର୍ଯ୍ୟଂଧାତତ୍ତ୍ୱଂ ତଥାଳସକତାପ୍ୟଲମ୍ ।।
ଗୁଣିନାମପି ଦୋଷାସ୍ତ୍ୟ ଗୁଣାନାଚ୍ଛାଦ୍ୟ ଜାୟତେ ।

ଯେତେବଡ଼ ଗୁଣୀ ବା ମହତ୍‌ବ୍ୟକ୍ତି ହୁଅନ୍ତୁ; ଯଦି ତାଙ୍କଠାରେ ବକ୍ଷ୍ୟମାଣ ଦୋଷଗୁଡ଼ିକ ମଧ୍ୟରୁ ଗୋଟିଏ ଥାଏ, ତେବେ ଲୋକେ ତାଙ୍କୁ ବଡ଼ବୋଲି ମାନନ୍ତି ନାହିଁ । ଖଳ ସ୍ୱଭାବ, କ୍ରୋଧଶୀଳତା, କାତରତା, ପରର ଉନ୍ନତି ନ ସହିବା, ଅତିଶୟ ଲୋଭକରିବା; ମିଥ୍ୟାବାଦିତା, ଅନ୍ୟର କାର୍ଯ୍ୟକୁ ବାଧାଦେବା କିମ୍ବା ସ୍ୱୀକାର କରି କାର୍ଯ୍ୟ ନ କରିବା, ଅଳସ୍ୟତା, ଏହି ଦୋଷଗୁଡ଼ିକ ଗୁଣୀ ଲୋକର ସୁଦ୍ଧା ଗୁଣରାଶିକୁ ଅଚ୍ଛାଦିତ କରିଦିଏ ।

୧୪୫—ମାତୁଃ ପ୍ରିୟାୟାଃ ପୁତ୍ରସ୍ୟ ଧନସ୍ୟ ଚ ବିନାଶନମ୍ ।
ବାଲ୍ୟେ ମଧ୍ୟେ ଚ ବାର୍ଦ୍ଧକ୍ୟେ ମହାପାପ ଫଳଂକ୍ରମାତ୍ ।।

ପିଲାଦିନରେ ମା'ଙ୍କର ମୃତ୍ୟୁ, ଯୌବନ ସମୟରେ ସ୍ତ୍ରୀର ଏବଂ ବୃଦ୍ଧ ବୟସରେ ପୁତ୍ର ଓ ଧନର ବିନାଶ ମହାପାପର ଫଳବୋଲି ମହର୍ଷିମାନେ କହିଛନ୍ତି ।

୧୪୬—ଶ୍ରୀମତାମନପତ୍ୟତ୍ୱମଧନାନାଂ ଚ ମୂର୍ଖତା ।
ସ୍ତ୍ରୀଣାଂ ଷଣ୍ଢପତିତ୍ୱଂ ଚ ନ ସୌଖ୍ୟାୟ କଦାଚନ ।।
(ଇଷ୍ଟଜନ୍ମ)

ସନ୍ତାନହୀନ ଧନିକ, ଗୁଣହୀନ ଦରିଦ୍ର, ନପୁଂସକ ପୁରୁଷର ସ୍ତ୍ରୀ, ଏମାନେ କେବେହେଲେ ସାଂସାରିକ ସୁଖୋପଭୋଗ କରି-ପାରନ୍ତି ନାହିଁ । ମୂଳ ବନ୍ଧରେ ଇଷ୍ଟଜନ୍ମ ଅଛି । ଅର୍ଥବୋଧର ସୁଗମ-ଦୃଷ୍ଟିରୁ କଦାଚନ ଯୋଗ କରିଦିଆଯାଇଛି ।

Digitized by srujanika@gmail.com

୧୪୭—ମୂର୍ଖଃ ପୁତ୍ରୋଽଧବା କନ୍ୟା ଚଣ୍ଡୀ ଭାର୍ଯ୍ୟା ଦରିଦ୍ରତା ।
ନୀଚ ସେବାଽଟନଂ ନିତ୍ୟଂ ନୈତତ୍ଷଟ୍କଂ ସୁଖାୟଚ ॥

ବିଦ୍ୟାବିହୀନ ପୁତ୍ର, ବିଧବା କନ୍ୟା, କ୍ରୋଧଶୀଳଭାର୍ଯ୍ୟା, ଦରିଦ୍ରତା, ନୀଚଲୋକର ସେବାକାର୍ଯ୍ୟ, ପ୍ରତିଦିନ ବାଧ୍ୟତାମୂଳକ ପରିଭ୍ରମଣ ଏହି ଛ'ଟି କେବେହେଲେ ସୁଖଦାୟକ ନୁହନ୍ତି ।

୧୪୮—ନାଧ୍ୟାପନେ ନାଧ୍ୟୟନେ ନ ଦେବେ ନ ଗୁରୌଦ୍ୱିଜେ ।
ନ କଳାସୁ ନ ସଙ୍ଗୀତେ ସେବାୟାଂ ନାର୍ଜବେ ସ୍ତ୍ରିୟାମ୍ ॥
ନ ଶୌର୍ଯ୍ୟେ ନ ଚ ତପସି ସାହିତ୍ୟେ ରମତେ ମନଃ ।
ଯସ୍ୟ ମୁକ୍ତଃ ଖଳଃ କିମ୍ବା ନରରୂପୀ ପଶୁସ୍ତୁ ସଃ ॥

ପାଠ ପଢ଼ିବା, ପଢ଼ାଇବା, ଦେବପୂଜା, ଗୁରୁସେବା, ବ୍ରାହ୍ମଣ-ସତ୍କାର, କଳାବିଦ୍ୟା, ସଙ୍ଗୀତ, ସେବାକାର୍ଯ୍ୟ, ସରଳ ବ୍ୟବହାର, ସ୍ତ୍ରୀ ସମ୍ଭୋଗ, ବୀରତ୍ୱ, ତପସ୍ୟା, ସାହିତ୍ୟସେବା ପ୍ରଭୃତି ବିଷୟରେ ଯେଉଁଲୋକର ମନ ଆକୃଷ୍ଟ ହୁଏ ନାହିଁ, ସେ ଜୀବନ୍ମୁକ୍ତ ସିଦ୍ଧ-ପୁରୁଷ ଅଟେ କିମ୍ବା ଦୁର୍ବୃତ୍ତ ହୋଇପାରେ । ଅଥବା ତାହାକୁ ନରରୂପୀ ପଶୁବୋଲି ମଧ୍ୟ କୁହାଯାଇପାରେ ।

୧୪୯—ଅନ୍ୟୋଦୟାସହିଷ୍ଣୁସ୍ତୁ ଛିଦ୍ରଦର୍ଶୀ ବିନିନ୍ଦକଃ ।
ଦ୍ରୋହଶୀଳଃ ସ୍ୱାନ୍ତମଳଃ ପ୍ରସନ୍ନାସ୍ୟ ଖଳଃସ୍ମୃତଃ ॥

ପରର ଉନ୍ନତି ଦେଖି ଯେ ସହି ନ ପାରେ, ଯିଏ ସର୍ବଦା ପରର ଦୋଷ ଖୋଜିବୁଲେ, ଯେ ସର୍ବଦା ପରର ନିନ୍ଦାକରେ ଏବଂ ହାନିକରେ, ଯାହାର ମନ ସର୍ବଦା ପରର ଅନିଷ୍ଟ ଚିନ୍ତାରେ ବ୍ୟସ୍ତ ଏବଂ ମୁଖରେ କେବଳ ପ୍ରସନ୍ନତା ଥାଏ, ତାହାକୁ ଖଳ କହନ୍ତି ।

Digitized by srujanika@gmail.com

୧୫୦—କୁଶଳଃ ସର୍ବବିଦ୍ୟାସୁ ସପୁତ୍ରଃ ପ୍ରୀତିକାରକଃ ।
ଦୁଃଖଦୋ ବିପରୀତୋ ଯୋ ଦୁର୍ଗୁଣୀ ଧନନାଶକଃ ॥

ସକଳ କାର୍ଯ୍ୟରେ ଯେ ନିପୁଣ, ସେପରି ପୁତ୍ର ପିତାର ମନରେ ସନ୍ତୋଷ ଆଣିଥାଏ । କିନ୍ତୁ ଗୁଣହୀନ, ଅଳସ୍ୟପରାୟଣ, ଅମିତବ୍ୟୟୀ ପୁତ୍ର ପିତାର ମନକୁ ସର୍ବଦା ଦୁଃଖଗ୍ରସ୍ତ କରାଏ ।

୧୫୧—ପତ୍ନୀ ନିତ୍ୟଂ ଗୁରୁରକ୍ତା କୁଶଳା ଗୃହକର୍ମଣି ।
ପୁତ୍ରପ୍ରସୂ ସୁଶୀଳା ଯା ପ୍ରିୟାପତ୍ୟୁଃ ସୁଯୌବନା ॥

ଯେଉଁ ସ୍ତ୍ରୀ ପତିଠାରେ ଦୃଢ଼ଭକ୍ତି ରଖିଥାଏ, ଗୃହକାର୍ଯ୍ୟ କରିବାରେ ଯେ ନିପୁଣା, ଯେ ପୁତ୍ରବତୀ, ରୂପବତୀ ଓ ଚରିତ୍ର ସଂପନ୍ନା ଏପରି ସ୍ତ୍ରୀ ପତିର ମନରେ ଆନନ୍ଦ ସଞ୍ଚାର କରାଇପାରେ ।

୧୫୨—ପୁତ୍ରାପରାଧାନ୍ କ୍ଷମତେ ଯା ପୁତ୍ର ପରିତୋଷିଣୀ ।
ସା ମାତା ପ୍ରୀତିଦା ନିତ୍ୟଂ କୁଳଟାନ୍ୟତ ଦୁଃଖିତା ॥

ଯେଉଁ ମାତା ପୁଅର ଦୋଷସବୁ କ୍ଷମାକରି ସଂଶୋଧନ କରିଦିଏ ଏବଂ ନାନାପ୍ରକାର ଶିକ୍ଷା ଓ ଖାଦ୍ୟଦ୍ୱାରା ପୁଅର ମନରେ ସନ୍ତୋଷ ଜନ୍ମାଏ ସେହି ମାତା ପୁତ୍ରର କଲ୍ୟାଣଦାୟୀ ଅଟେ । ଯେ ବାଭିଚାରିଣୀ, ଚରିତ୍ରହୀନା; ସେପରି ମାତା ପୁଅର ମନରେ ଘୋର ଦୁଃଖ ଜନ୍ମାଇ ଥାଏ ।

୧୫୩—ବିଦ୍ୟାଗମାର୍ଥଂ ପୁତ୍ରସ୍ୟ ବୃତ୍ତ୍ୟର୍ଥଂ ଯତତେ ଚ ଯଃ ।
ପୁତ୍ରଂ ସଦା ସାଧୁ ଶାସ୍ତି ପ୍ରୀତିକୃତ୍ ସ ପିତା ନୃଣାମ୍ ॥

ଯେଉଁ ପିତା ପୁଅ କିପରି ପାଠ ପଢ଼ି ଜୀବିକାର୍ଜ୍ଜନର କ୍ଷମତା ଲାଭ କରିବ ବୋଲି ସର୍ବଦା ଚେଷ୍ଟା କରୁଥାଏ ଏବଂ ଯେ ପୁଅକୁ

Digitized by srujanika@gmail.com

ଯୌବନରେ ସଦୁପଦେଶ ଦ୍ୱାରା; ଶୈଶବରେ ତାଡ଼ନା କରେ ସେହି ପିତା ପୁତ୍ରର ସନ୍ତୋଷଦାୟକ ଅଟେ ଏବଂ ସେ ସାମାଜିକ ଋଣରୁ ମୁକ୍ତ ହୁଏ ।

୧୫୪—ଯଃ ସାହାଯ୍ୟଂ ସଦା କୁର୍ଯ୍ୟାତ୍ ପ୍ରତୀପଂ ନ ବଦେତ୍ କ୍ୱଚିତ୍ ।
ସତ୍ୟଂ ହିତଂ ବକ୍ତିପାତି ଦତ୍ତେ ଗୃହ୍ଣାତି ମିତ୍ରତାମ୍ ॥

ଯେଉଁ ମିତ୍ର ସର୍ବଦା ସାହାଯ୍ୟ କରନ୍ତି, କେବେ ହେଲେ ବିରୁଦ୍ଧଭାବ ଜନ୍ମାଇଲା ପରି ବାକ୍ୟ ବ୍ୟବହାର କରନ୍ତି ନାହିଁ, ସର୍ବଦା ସତ୍ୟ ଏବଂ ହିତକର କଥା କହନ୍ତି; ସମୟ ବିଶେଷରେ ଦିଅନ୍ତି ଏବଂ ନିଅନ୍ତି ସେ ପ୍ରକୃତରେ ମିତ୍ର ଅଟନ୍ତି ।

୧୫୫ – ନୀଚେଷ୍ୱତି ପରିଚୟାତ୍ ହ୍ୟନ୍ୟଗେହେ ସଦାଗତିଃ ।
ଜାତୌ ସଂଘେ ପ୍ରାତିକୂଲ୍ୟଂ ମାନହାନି ଦରିଦ୍ରତା ॥

ନୀଚ ଲୋକର ସହିତ ଅତି ବିଶ୍ୱାସୀ ହେବ ନାହିଁ । ଅନ୍ୟ ଘରକୁ ସର୍ବଦା ଯିବା ଆସିବା କରିବ ନାହିଁ । ନିଜ ଦେଶ ପ୍ରତି, ଜାତି ପ୍ରତି, ଏବଂ ସଙ୍ଘ ବା ଗୋଷ୍ଠୀ ପ୍ରତି କେବେ ହେଲେ ପ୍ରତିକୂଳାଚରଣ କରିବ ନାହିଁ । ଏପରି କଲେ ନିଜର ଧନ ଓ ସମ୍ମାନ ଉଭୟେ ନଷ୍ଟ ହୁଅନ୍ତି ।

୧୫୬—ସୁରୂପଃ ସଧନଃ ସ୍ୱାମୀ ବିଦ୍ୱାନପି ବଲାଧିକଃ ।
ନକାମୟେତ୍ ଯଥେଷ୍ଟଂ ଯଃ ସ୍ତ୍ରୀଣାଂ ନୈବ ସୁ ସୌଖ୍ୟକୃତ୍ ॥

ପତି ଯେତେ ଧନବାନ, ରୂପବାନ୍ ଓ ବଳବାନ୍ ହେଲେ ସୁଦ୍ଧା ଯଦି ସ୍ତ୍ରୀର କାମ ବାସନା ପରିତୃପ୍ତ କରିପାରେ ନାହିଁ, ସେପରି ପତି ସ୍ତ୍ରୀମାନଙ୍କ ମନରେ ସୁଖର ସଞ୍ଚାର କରିପାରନ୍ତି ନାହିଁ ।

Digitized by srujanika@gmail.com

୧୫୭—କାର୍ଯ୍ୟଂ ତତ୍ର ସାଧକାଦ୍ୟାଂଶ୍ଚ ତଦ୍ବ୍ୟୟଂ ସୁବିନିର୍ଣ୍ଣୟମ୍ ।
ବିଚିନ୍ତ୍ୟ କୁରୁତେ ଜ୍ଞାନୀ ନାନ୍ୟଥା ଲଘୁଧିକ୍ବଚିତ୍ ॥

ଯେ କୌଣସି କାର୍ଯ୍ୟାରମ୍ଭ କରିବା ପୂର୍ବରୁ କାର୍ଯ୍ୟ କ'ଣ, କେଉଁ କେଉଁ ଉପକରଣ ଦ୍ୱାରା ସେହି କାର୍ଯ୍ୟ ହେବ ଏବଂ କେତେ ଖର୍ଚ୍ଚ ହେବ, ସେତିକି ବ୍ୟୟରେ ଏହି କାର୍ଯ୍ୟ କଲେ ଏଥିରୁ କେତେ ଲାଭ ହେବ; ବିବେକୀ ଲୋକ ଏପରି ଭାବି ଶ୍ରେଷ୍ଠ ବଡ଼ ବଡ଼ କାର୍ଯ୍ୟ କରିଥାନ୍ତି । ବିନା ବିଚାରରେ ଅତି କ୍ଷୁଦ୍ର କାର୍ଯ୍ୟ ମଧ୍ୟ କରନ୍ତି ନାହିଁ ।

୧୫୮—ସାହାଯ୍ୟଂ ତୁ ବଳିଦ୍ୱିଷ୍ଟଃ ବେଶ୍ୟା ଧନିକ ମିତ୍ରତାମ୍ ।
କୁନୃପଶ୍ଚ ଛଳଂ ନିତ୍ୟଂ ସ୍ୱାମୀ ଦ୍ରବ୍ୟଂ କୁସେବକଃ ॥

ବଳବାନ୍ ସହିତ ବିରୋଧ ଭାବ ରଖିଥିବା ବ୍ୟକ୍ତି ସାହାଯ୍ୟ ଇଚ୍ଛାକରେ, ବେଶ୍ୟା ଧନୀମାନଙ୍କୁ ପ୍ରେମପାଶରେ ସର୍ବଦା ବାନ୍ଧି ରଖିବାକୁ ଚେଷ୍ଟା କରେ । ଅଧମ ଶାସକ ସର୍ବଦା ଛଳନାର ଆଶ୍ରୟ ନିଏ । ମନ୍ଦ ଭୃତ୍ୟ ସର୍ବଦା ପ୍ରଭୁର ପଦାର୍ଥରେ ଲୋଲୁପଦୃଷ୍ଟି ରଖିଥାଏ ।

୧୫୯—ଚଣ୍ଡାଦ୍ୟୃତେ ବିବଦତେ ସ୍ୱପତ୍ୟଂଶ୍ଚାତି ମାଦକମ୍ ।
କରୋତି ନିଷ୍ଫଳଂ କର୍ମ ମୂର୍ଖୋ ବା ସ୍ୱେଷ୍ଟ ନାଶକମ୍ ॥

ଯେଉଁ ବ୍ୟକ୍ତି ମୂଢ଼ (ବିଚାରହୀନ) ସେ ହଠାତ୍ କ୍ରୁଦ୍ଧ ହୋଇ ଉଠେ ଏବଂ ବିବାଦରେ ମାତିଥାଏ । ଦିନ ରାତି ସର୍ବଦା ଶୋଇ ରହେ, ନିଶାଖାଏ, ଯାହାକରେ ଭାବି ଚିନ୍ତି ନ କରିବାରୁ ତାହା ନିଷ୍ଫଳ ହୁଏ । ସମୟ ବିଶେଷରେ ନିଜର ଅନିଷ୍ଟ ନିଜେ ମଧ୍ୟ ବରଣ କରିଥାଏ ।

Digitized by srujanika@gmail.com

୧୭୦—ନସ୍ୟାତ୍ ସ୍ୱଧର୍ମ ହାନିସ୍ତୁ ଯସ୍ମା ବୃତ୍ତ୍ୟା ଚ ସା ବରା ।
ସ ଦେଶଃ ପ୍ରବରୋ ଯତ୍ର କୁଟୁମ୍ବ ଭରଣଂ ଭବେତ୍ ॥

ସେହି କେବଳ ଜୀବିକାର୍ଜନର ଶ୍ରେଷ୍ଠ ପନ୍ଥା, ଯାହା ଦ୍ୱାରା ନିଜର ସମ୍ମାନ ଓ ଧର୍ମହାନି ହୁଏ ନାହିଁ । ସେହି କେବଳ ଉତ୍କୃଷ୍ଟ ଦେଶ ଯେଉଁଠାରେ ମନୁଷ୍ୟ ବାସ କରି ଅକ୍ଳେଶରେ ନିଜର ପରିବାର ପରିପୋଷଣ କରିପାରେ ।

୧୭୧—ଆରାଦେବ ସଦା ତିଷ୍ଠେତ୍ ଭୃତ୍ୟୋ ଦୂରେଽପି ବୁଦ୍ଧିମାନ୍ ।
ବୁଦ୍ଧି ପାଶୈର୍ବନ୍ଧୟିତ୍ୱା ସନ୍ତାଡ଼ୟତି କର୍ଷତି ॥

ବୁଦ୍ଧିମାନ୍ ଶାସକ ଦୂରରେ ରହିଲେ ମଧ୍ୟ ନିକଟରେ ରହିଲା ପରି କାର୍ଯ୍ୟ କରିଥାଏ । ଦୂରରେ ରହି ସୁଦ୍ଧା ବୁଦ୍ଧି ବଳରେ ଶାସନ ଚଳାଇ ପାରେ, ଦଣ୍ଡଦେଇ ପାରେ ।

୧୭୨—ଅଦେୌ ବରଂ ନିର୍ଧନତ୍ୱଂ ଧନିକତ୍ୱ ମନନ୍ତରମ୍ ।
ତଥାଦୌ ପାଦଗମନଂ ଯାନଗତ୍ୱ ମନନ୍ତରମ୍ ॥

ଗରିବ ଅବସ୍ଥାରୁ ଧନୀ ହେବା ଅଧିକ ସୁଖକର । କିନ୍ତୁ ପ୍ରଥମେ ଧନୀ ହୋଇ ପଛରେ ଦରିଦ୍ର ହେବା ଅତି ଦୁଃଖଦାୟକ ଅଟେ । ସେପରି ପ୍ରଥମେ ପାଦରେ ଚାଲି ପରେ ଯାନ (ଶଗଡ଼, ମଟର ଗାଡ଼ି ଇତ୍ୟାଦି) ରେ ଯିବା ଅଧିକ ସୁଖକର ହୋଇଥାଏ ।

୧୭୩—ବରଂହି ସୂନ ପତ୍ୟାତ୍ୱଂ ମୃତାପତ୍ୟଂ ତୁତଃ ସଦା ।
ଦୁଷ୍ଟଯାନାତ୍ ପାଦାଗମଃ ହ୍ୟୌଦାସୀନ୍ୟଂ ବିରୋଧତଃ ॥

ସନ୍ତାନ ଜନ୍ମ ହୋଇ ମରିଯିବା ଅପେକ୍ଷା ଅଦୌ ନ ହେବା ବରଂ ଶ୍ରେୟସ୍କର, ଖରାପ ଗାଡ଼ିରେ ଯିବା ଅପେକ୍ଷା ପାଦରେ ଚାଲିଯିବା ଶ୍ରେୟସ୍କର । ଜଣକ ସହିତ କଥାବାର୍ତ୍ତା କରି କଳହ କରିବା ଅପେକ୍ଷା ଉଦାସୀନ (ନିର୍ଲିପ୍ତ) ରହିବା ଶ୍ରେୟସ୍କର ।

Digitized by srujanika@gmail.com

୧୭୪—ଶ୍ୱମୈଥୁନମୃଣଂ ଗର୍ଭାଧାନଂ ସ୍ୱାମିତ୍ୱ ମେବଚ ।
ଖଲ ସଖ୍ୟ ମପଥ୍ୟଂ ତୁ ପ୍ରାକ୍‌ସୁଖଂ ଦୁଃଖ ନିର୍ଗମନ୍ ।।

ଶ୍ୱାନ ମୈଥୁନ, ଋଣଗ୍ରହଣ, ଗର୍ଭଧାରଣ, ପ୍ରଭୁତ୍ୱଲାଭ, ଖଲଲୋକର ମିତ୍ରତା, ଅପଥ୍ୟ ଖାଦ୍ୟ ଏ ସବୁ ପ୍ରଥମେ ସୁଖ ଦିଏ, କିନ୍ତୁ ଶେଷରେ ଅଧିକ ଦୁଖ ଦେଇଥାଏ ।

୧୭୫—ହସ୍ତ୍ୟଶ୍ୱ ବୃଷ ବାଲସ୍ତ୍ରୀ, ଶୁକାନାଂ ଶିକ୍ଷକୋ ଯଥା ।
ତଥା ଭବନ୍ତି ତେ ନିତ୍ୟଂ ସଂସର୍ଗ ଗୁଣଧାରକାଃ ।।

ହସ୍ତୀ, ଅଶ୍ୱ, ବୃଷଭ (ବଳଦ, ଷଣ୍ଢ) ସ୍ତ୍ରୀ, ବାଳକ, ଏମାନେ ଯେପରି ଶିକ୍ଷା ପାଆନ୍ତି, ଶିକ୍ଷକର ଗୁଣ ଗ୍ରହଣ କରି ସେପରି କାର୍ଯ୍ୟ କରିଥାନ୍ତି ।

୧୭୬—ଭାର୍ଯ୍ୟାନପତ୍ୟା ସଦ୍‌ଯାନଂ ଭାରବାହୀ ସୁରକ୍ଷକଃ ।
ପରଦୁଃଖ ହାରିବଦ୍ୟା ସେବକଶ୍ଚ ନିରାଳସଃ,
ଷଡେତାନି ସୁଖାୟାଲଂ ପ୍ରବାସେ ତୁ ନୃଣାଂ ସଦା ।।

ସନ୍ତାନହୀନା ସ୍ତ୍ରୀ, ମଜବୁତ ଗାଡ଼ି (ଭଲ ଅବସ୍ଥାରେଥିବା ଶଗଡ଼, ସାଇକେଲ, ମଟର) ବଳବାନ୍ ଭାରୁଆ, ବୁଦ୍ଧିମାନ୍ ଅଙ୍ଗରକ୍ଷୀ (ବଡ଼ିଗାର୍ଡ, ଚୌକିଦାର,) ପରଦୁଃଖହାରି ବଦ୍ୟା, ଆଳସ୍ୟହୀନ ଭୃତ୍ୟ ଏ ସବୁ ପ୍ରବାସରେ ସୁଖକର ଅଟନ୍ତି ।

୧୭୭—ମାର୍ଗଂ ନିରୁଧ୍ୟ ନଷ୍ଟେତ୍ସୁଂ ସମର୍ଥେନାପି କହିଁଚିତ୍ ।
ସଦ୍‌ଯାନେ ନାପି ଗଚ୍ଛେଦ୍ଧି ହଟ୍ଟମାର୍ଗେ ନୃପୋଽପିଚ ।।

ଖ୍ୟାତନାମା ଲୋକ ହେଲେ ମଧ୍ୟ ରାସ୍ତା ବନ୍ଦକରି ରାସ୍ତା ମଧ୍ୟରେ ଠିଆହେବା ଅନୁଚିତ । ରାଜାହେଲେ ମଧ୍ୟ ବଡ଼ଗାଡ଼ିରେ ଚଢ଼ି ହାଟ ମଧ୍ୟରେ ରାସ୍ତାରେ ଯିବାନାହିଁ ।

Digitized by srujanika@gmail.com

୧୬୮—ଅତ୍ୟଟନଂ ସ୍ତ୍ରୀଜନ ମତ୍ତ ମୈଥୁନ ମେବଚ ।
ଅତ୍ୟାୟସଷ୍ଟ ସର୍ବେଷାଂ ଦ୍ରାକ୍‌ଜରା କରଣଂ ଭବେତ୍ ॥

ଅତ୍ୟଧିକ ଭ୍ରମଣ, ଅଧିକ ଉପବାସ, ଅତିମୈଥୁନ, ଯେକୌଣସି ବିଷୟରେ ଅଧିକ ପରିଶ୍ରମ କଲେ, ଶୀଘ୍ର ବୃଦ୍ଧାବସ୍ଥା ଆସିଥାଏ (ବୁଢ଼ା ନ ହେଲେ ମଧ୍ୟ ବୁଢ଼ାମାନଙ୍କ ପରି ଦୁର୍ବଳତା ଆସିଥାଏ ।

୧୬୯—ଦୁର୍ଗୁଣଂ ବକ୍ତି ସତ୍ୟେନ ପ୍ରିୟୋଽପି ସୋଽପ୍ରିୟୋ ଭବେତ୍ ।
ଗୁଣଂହ୍ୟ ଦୁର୍ଗୁଣୀ କୃତ୍ୟ ବକ୍ତି ଯଃ ସ୍ୟାତ୍ କଥଂପ୍ରିୟଃ ॥

ଯେଉଁଲୋକ ସତ୍ୟକଥା ଦ୍ୱାରା ଦୁର୍ଗୁଣସବୁ ପ୍ରକାଶକରେ ସେ ପ୍ରିୟ ହୋଇଥିଲେ ମଧ୍ୟ ଅପ୍ରିୟ ହୋଇପଡ଼େ । ଯେଉଁଲୋକ ସୁଗୁଣକୁ ବିକୃତକରି ଦୋଷରୂପରେ ପ୍ରକାଶକରେ ସେ କାହିଁକି ଅପ୍ରିୟ ନ ହେବ ?

୧୭୦—ସ୍ୱଦୁର୍ଗୁଣାନ୍ ସ୍ୱୟଂଶୃତଃ ବିମୃଶେତ୍ ଲୋକ ଶାସ୍ତ୍ରତଃ ।
ସ୍ୱ ଦୁର୍ଗୁଣ ଶ୍ରବଣତୋ ଯଃ ତୁଷ୍ୟେତ ନ କୁପ୍ୟତି ॥

୧୭୧—ସୋପହାସ ପ୍ରବାକ୍ୟାନେ ଯତତେ ତ୍ୟଜତି ଶ୍ରୁତେ ।
ସ୍ୱଗୁଣ ଶ୍ରବଣା ନିତ୍ୟଂ ସମସ୍ତିଷ୍ଠତ ନାଧିକଃ ॥

ନିଜର ଦୁର୍ଗୁଣ ସବୁକୁ ଲୋକାଗ୍ରର ଏବଂ ଶାସ୍ତ୍ର ଦୃଷ୍ଟିରୁ ବିଚାର କରିବା ଉଚିତ । ନିଜନିନ୍ଦା ଶୁଣି କ୍ରୁଦ୍ଧ ନ ହୋଇ ସ୍ଥିର ଚିତ୍ତରେ ଦୋଷାଦୋଷ ବିଚାର କରିବ । ନିଜର ଉପହାସ ଶୁଣିଲେ ସେଥିରେ ସତ୍ୟର ଅନୁସନ୍ଧାନ କରିବ । ପୂର୍ବରୁ ଶୁଣିଥିବା ନିନ୍ଦାକୁ ମନରୁ ପାଶୋରିଦେବ । ନିଜର ପ୍ରଶଂସା ଶୁଣି ଆନନ୍ଦରେ ବିଭୋର ହେବ ନାହିଁ ।

Digitized by srujanika@gmail.com

୧୬୨—ତଥା ନ କ୍ରୀଡ଼ୟେତ୍ କଶ୍ଚିତ୍ କଲହାଯ୍ୟ ଭବେଦ୍ ଯଥା ।
ବଚନୋଦ୍ଦେଽପି ଶପେନୈବ ତେ ଭାର୍ଯା କୁଲଟ଼ସ୍ତିକମ୍ ॥

ଯେଉଁ ଖେଳରୁ କଳି ଉପୁଜିବାର ସମ୍ଭାବନା ଅଛି, ସେପରି ଖେଳ ଖେଳିବା ଉଚିତ ନୁହେ । ତୁମର ସ୍ତ୍ରୀ କୁଳଟା ବୋଲି ପରିହାସରେ ସୁଦ୍ଧା କାହାକୁ କହିବା ଉଚିତ ନୁହେ ।

୧୬୩—ଯଥାର୍ଥ ମପି ନବ୍ରୂୟାତ୍ ବଲବତ୍ ବିପକ୍ଷତକମ୍ ।
ଦୃଷ୍ଟଂ ହ୍ୟଦୃଷ୍ଟବତ୍ କୁର୍ଯାତ୍ ଶ୍ରୁତମପ୍ୟ ଶ୍ରୁତଂ ତ୍ୱଚତ୍ ॥

ଯୁକ୍ତିଯୁକ୍ତ ବିଷୟ ହେଲେ ମଧ୍ୟ ବଳବାନ୍ ଲୋକର ବିପକ୍ଷରେ କୌଣସି କଥା କହିବ ନାହିଁ । ଶୁଣିଥିଲେ ମଧ୍ୟ ନ ଶୁଣିଲା ପରି ଏବଂ ଜାଣିଥିଲେ ମଧ୍ୟ ନ ଜାଣିଲା ପରି ରହିବ ।

୧୬୪—ମୂକୋଽନ୍ଧଃ ବଧୀରଃ କୁବ୍ଜଃ ସ୍ୱାପତ୍‌କାଲେ ଭବେନ୍ନରଃ ।
ଅନ୍ୟଥା ଦୁଃଖ ମାପ୍ନୋତି ହ୍ରୀୟତେ ବ୍ୟବହାରତଃ ॥

ମନୁଷ୍ୟ କୌଣସି ବିପଦରେ ପଡ଼ିଥିଲେ ମୂକ, ଅନ୍ଧ, କାଲ୍ଲ ଏବଂ କୁଜା ପରି ଆଚରଣ କରିବ । ଅର୍ଥାତ୍ ନିନ୍ଦା ଶୁଣିଲେ ମଧ୍ୟ ନ ଶୁଣିଲା ପରି ରହିବ, ଯୁକ୍ତିଯୁକ୍ତ କଥା ହେଲେ ସୁଦ୍ଧା କହିବ ନାହିଁ, ଦେଖିଲେ ମଧ୍ୟ ନ ଦେଖିଲା ପରି ରହିବ । କେହି ପ୍ରତିକୂଳାଚରଣ କଲେ ମଧ୍ୟ ସହିଷ୍ଣୁତା ଅବଲମ୍ବନ କରିବ । ଏପରି ନ କଲେ ଅପମାନ ଏବଂ ଦୁଃଖ ଭୋଗିବାକୁ ପଡ଼େ ।

୧୬୫—ଯଥାର୍ଥ ମପି ବିଜ୍ଞାତମ୍ଭବେତ୍ୟୋବାଦନଂ ମତମ୍ ।
ଅନୟୁକ୍ତୋ ନ ବୈବ୍ରୂୟାତ୍ ହ୍ରୀନ ଶତ୍ରୁର୍ଭବେଦତଃ ॥

ମୁଦେଇ ଓ ମୁଦାଲା ଉଭୟ ପକ୍ଷର ବିବାଦ ସଂଯୁକ୍ତ ବିଷୟକୁ ଉତ୍ତମରୂପେ ଜାଣିଥିଲେ ମଧ୍ୟ ସରକାରଙ୍କର ବିନା ଆଦେଶରେ ନ୍ୟାୟାନ୍ୟାୟ ବିଚାର କରିବ ନାହିଁ ।

Digitized by srujanika@gmail.com

୧୬୬—ଗୃହୀତ୍ୱାନ୍ୟ ବିବାଦଂ ତୁ ବିବଦେ ନୈବ କେନଚିତ୍ ।
ମିଳିତ୍ୱା ସଂଘଶୋ ରାଜମନ୍ତ୍ରଂ ନୈବ ତୁ ତର୍କୟେତ୍ ॥

ପରର କଥାରେ ଅନ୍ୟସହିତ ବିବାଦ କରିବ ନାହିଁ । ରାଜକୀୟ ଗୁପ୍ତ ମନ୍ତ୍ରଣାକୁ ସାଧାରଣ ସଭାରେ କିମ୍ବା ଗୋଷ୍ଠୀଗତ ଭାବେ ତାର ବିଚାର କରିବ ନାହିଁ ।

୧୬୭—ଅଜ୍ଞାତ ଶାସ୍ତ୍ରୋ ନ ବ୍ରୂୟାତ୍ ଜ୍ୟୋତିଷଂ ଧର୍ମ ନିର୍ଣ୍ଣୟମ୍ ।
ନୀତିଦଣ୍ଡଂ ଚିକିତ୍ସାଂ ଚ ପ୍ରାୟଶ୍ଚିତ୍ତଂ କ୍ରିୟାଫଳମ୍ ॥

ଜ୍ୟୋତିଃଶାସ୍ତ୍ର ନ ଜାଣି ଜ୍ୟୋତିଷର ଫଳାଫଳ, ଧର୍ମଶାସ୍ତ୍ରରେ ଜ୍ଞାନ ନ ଥାଇ ଧର୍ମତତ୍ତ୍ୱ, ନୀତିଶାସ୍ତ୍ର ନ ଜାଣି ନୀତି ଉପଦେଶ, ଅଇନ୍ ନ ଜାଣି ଦୋଷୀର ଦଣ୍ଡ, ଚିକିତ୍ସାଶାସ୍ତ୍ର ନ ଜାଣି ରୋଗର ପ୍ରତିକାର, କାର୍ଯ୍ୟତତ୍ତ୍ୱ ନ ବୁଝି ତାର ଫଳନିର୍ଣ୍ଣୟ, ସ୍ମୃତି ଶାସ୍ତ୍ରରେ ଜ୍ଞାନ ନ ଥାଇ ପ୍ରାୟଶ୍ଚିତ୍ତ ବ୍ୟବସ୍ଥା, ଏସବୁ କେବେହେଲେ କରିବ ନାହିଁ ।

୧୬୮—ପାରତନ୍ତ୍ର୍ୟାତ୍ ପରଂ ଦୁଃଖଂ ନ ସ୍ୱାତନ୍ତ୍ର୍ୟାତ୍ ପରଂ ସୁଖମ୍ ।
ଅପ୍ରବାସୀ ଗୃହୀ ନିତ୍ୟଂ ସ୍ୱତନ୍ତ୍ରଂ ସୁଖମେଧତେ ॥

ପରାଧୀନତାଠାରୁ ବଳି ଦୁଃଖ ନାହିଁ ଏବଂ ସ୍ୱାଧୀନତାଠାରୁ ବଳି ସୁଖ ନାହିଁ । ଯେ ନିଜର ମାତୃଭୂମି ଛାଡ଼ି ବିଦେଶରେ ନ ଥାଏ ଏବଂ ପରିବାର ସହିତ ବାସ କରି ସ୍ୱାଧୀନଭାବେ ନିଜ କାର୍ଯ୍ୟ କରୁଥାଏ ସେ ପ୍ରକୃତରେ ସୁଖୀ ଅଟେ ।

୧୬୯—ନୂତନ ପ୍ରାକ୍ତନାନାଂଚ ବ୍ୟବହାରେ ବିଦାଂଧିୟା ।
ପ୍ରତିକ୍ଷଣଂ ବୁଭୁନବୋ ବ୍ୟବହାରେ ହ୍ୟବେକ୍ଷିତଃ ॥

ନବୀନ ଏବଂ ପ୍ରାଚୀନ ବ୍ୟବହାର ଜାଣିଥିବା ଲୋକଙ୍କର ଗତିରୀତିକୁ ସୂକ୍ଷ୍ମଦୃଷ୍ଟିରେ ଲକ୍ଷ୍ୟକରି ବିଚାର କରିବ । ବ୍ୟବହାର

Digitized by srujanika@gmail.com

ବିଷୟରେ ଯେତେ ଅଭିଜ୍ଞତା ଥିଲେ ସୁଦ୍ଧା ତାହା ସର୍ବଦା ନୂତନ ଆକାର ଧାରଣ କରି ଉପସ୍ଥିତ ହୋଇଥାଏ । (ବ୍ୟବହାର=ମକଦ୍ଦମା)

୧୮୦—ମୂର୍ଖପୁତ୍ରଃ କୁବୈଦ୍ୟଶ୍ଚାରକ୍ଷକସ୍ତୁ ପିତାପ୍ରଭୁଃ ।
ଚଣ୍ଡୋ ଭବେଚ୍ଚ ପ୍ରଜାଶତ୍ରୁରଦାତା ଧନିକସ୍ତୁଯଃ ॥

ମୂର୍ଖପୁତ୍ର, ଜ୍ଞାନହୀନ ବୈଦ୍ୟ, ସନ୍ତାନର ଯତ୍ନ ନ ନେଉଥିବା ପିତା, କ୍ରୋଧଶୀଳ ରାଜା ବା ପ୍ରଭୁ (ମାଲିକ) ଅଦାତା ଧନିକ ଏମାନେ ସମାଜର ଶତ୍ରୁ ଅଟନ୍ତି ।

୧୮୧—ବିଦ୍ୟା ଶୌର୍ଯ୍ୟଂଚ ଦାକ୍ଷ୍ୟଂଚ ବଲଂ ଧୈର୍ଯ୍ୟଂଚ ପଞ୍ଚମମ୍ ।
ମିତ୍ରାଣି ସହଜାନ୍ୟାହୁର୍ବର୍ତ୍ତୟନ୍ତି ହିତୈର୍ବୁଧାଃ ॥

ବିଦ୍ୟା, ବୀରତ୍ୱ, ଦକ୍ଷତା, ବଳ, ଧୈର୍ଯ୍ୟ ଏ ପାଞ୍ଚୋଟି ଗୁଣ ମନୁଷ୍ୟର ସ୍ୱାଭାବିକ ବନ୍ଧୁ ଅଟନ୍ତି । ବୁଦ୍ଧିମାନ୍ ଲୋକ ଏମାନଙ୍କ ସାହାଯ୍ୟରେ ଅନ୍ୟର ସାହାଯ୍ୟ ଅପେକ୍ଷା ନ କରି ବହୁତ କାର୍ଯ୍ୟ କରିପାରେ ।

୧୮୨—ସ୍ୱକାର୍ଯ୍ୟେ ଶିଥିଲୋ ଯଃ ସ୍ୟାତ୍ତୁ କମନ୍ୟେ ନ ଭବନ୍ତିହ ।
ଜାଗରୁକଃ ସ୍ୱକାର୍ଯ୍ୟେ ଯଃ ତତ୍ସହାୟସ୍ତୁ ତତ୍ସମାଃ ॥

ଯେଉଁ ବଡ଼କର୍ମଚାରୀ ବା ଅଫିସରମାନେ କିମ୍ବା ଗୃହର ପ୍ରଭୁମାନେ ନିଜ ନିଜ କାର୍ଯ୍ୟରେ ଅବହେଳା କରନ୍ତି, ସେମାନଙ୍କ ଅଧୀନରେ ଥିବା ଅନ୍ୟମାନେ ମଧ୍ୟ ନିଜକାର୍ଯ୍ୟ ଭଲଭାବେ କରନ୍ତି ନାହିଁ । ଯେ ନିଜ କର୍ତ୍ତବ୍ୟ ପାଳନରେ ସର୍ବଦା ତତ୍ପର ତାହାଙ୍କର ଅଧୀନସ୍ଥ କର୍ମଚାରୀଗଣ ମଧ୍ୟ ନିଜ କର୍ତ୍ତବ୍ୟ ପାଳନରେ ତ୍ରୁଟି କରି ପାରନ୍ତି ନାହିଁ ।

Digitized by srujanika@gmail.com

୧୮୩—ମନ୍ତ୍ରଣ୍ୟ ମାରଣେ ସ୍ତେୟେ ସାହସେ ସ୍ତ୍ରୈୟେଚ ସଦା ।
ନ କାଳ ନୟେନ୍ମନ୍ତ୍ରୀ ସଦ୍ୟ ଏବ ବିବେଚନମ୍ ॥

ନରହତ୍ୟା, ଚୋରି, ଡକାୟତି ଇତ୍ୟାଦି କାର୍ଯ୍ୟର ମକଦ୍ଦମାକୁ କାଳକ୍ଷେପ ନ କରି ଶୀଘ୍ର ବିଚାର କରିବା ଉଚିତ ।

୧୮୪—ଯସ୍ୟାସ୍ତି ନିୟତଂ କର୍ମ ନିୟତଃ ସଦ୍‌ଗ୍ରହୋ ଯଦି ।
ନିୟତୋଽସଦ୍‌ଗ୍ରହ ତ୍ୟାଗୋ ନୃପତ୍ୱଂ ସୋଽଶ୍ନୁତେ ଚିରମ୍ ।

ଯେଉଁ ରାଜା ବା ଶାସକଙ୍କର ସମସ୍ତକାର୍ଯ୍ୟ ନୀତିର ଶୃଙ୍ଖଳାରେ ଆବଦ୍ଧ, ସେ ନୀତିଦ୍ୱାରା କର ଗ୍ରହଣ କରନ୍ତି, ସେ ଅନ୍ୟାୟ ପ୍ରାପ୍ୟ ଆଦୌ ଗ୍ରହଣ କରନ୍ତି ନାହିଁ; ସେହି ରାଜା ବା ଶାସକ ସର୍ବଦା ସୁଖୀ ହୁଅନ୍ତି ।

୧୮୫—ଯସ୍ୟାନିୟମିତଂ କର୍ମ ସାଧୁତ୍ୱଂ ବଚନଂ ତ୍ୱପି ।
ସଦୈବ କୁଟିଳଃ ସଃ ସ୍ୟାତ୍ ସ୍ୱପଦାତ୍ ଦ୍ରାଗ୍‌ବିନଶ୍ୟତି ॥

ଯେଉଁ ରାଜା ବା ଶାସକଙ୍କର କାର୍ଯ୍ୟରେ କୌଣସି ନିୟମ ବା ଶୃଙ୍ଖଳା ନ ଥାଏ, ସେ ଯେତେ ଭଲକଥା କହିଲେ ମଧ୍ୟ କାର୍ଯ୍ୟରେ ସବୁ ବିପରୀତ ହୋଇଥାଏ; ତେଣୁ ସେ ନିଜର ପଦକୁ ଶୀଘ୍ର ହରାଇ ବସନ୍ତି ।

୧୮୬—ବହୂନାଂ ଚୈକମତ୍ୟଂ ହି ନୃପତେର୍ବଲବତ୍ତରମ୍ ।
ବହୁସୂତ୍ରୈଃ କୃତୋ ରଜ୍ଜୁଃ ସିଂହାଦ୍ୟାକର୍ଷଣେ କ୍ଷମଃ ॥

ବହୁତଲୋକ ଏକମତ ମିଳିତଭାବରେ କାର୍ଯ୍ୟକଲେ, ରାଜାଙ୍କୁ ମଧ୍ୟ ନିଜଆଡ଼କୁ ଆକର୍ଷିତ କରିପାରନ୍ତି । ଯେପରି ଛୋଟ, ଛୋଟ, ସୂତାଦ୍ୱାରା ତିଆରି ହୋଇଥିବା ସ୍ଥୂଳ ଦଉଡ଼ିଦ୍ୱାରା ହାତୀ, ସିଂହ ପ୍ରଭୃତିଙ୍କୁ ବନ୍ଧାଯାଇପାରେ ।

Digitized by srujanika@gmail.com

୧୮୭—ସାହସେଷ୍ୱୁଚ ସର୍ବେଷୁ ସ୍ତେୟେ ସଂଗ୍ରହଣେଷ୍ୱୁଚ ।
ବାଗ୍‌ଦଣ୍ଡୟୋଶ୍ଚ ପାରୁଷ୍ୟେ ନ ପରୀକ୍ଷେତ ସାକ୍ଷିଣଃ ।

ସବୁପ୍ରକାର ଡକାୟତି କାର୍ଯ୍ୟରେ, ଚୋରିରେ, ଗାଳିଦେବା ବିଷୟରେ ଏବଂ କଟୁକଥା କହିବା ବିଷୟରେ ସାକ୍ଷୀମାନଙ୍କୁ ପରୀକ୍ଷା କରିବା ଦରକାର ପଡ଼େନାହିଁ ।

୧୮୮—ପରସ୍ୱ ହରଣେ ଲୋକେ ଜାରଚୌରୌତୁ ନିନ୍ଦତେ ।
ତାବପ୍ରତ୍ୟକ୍ଷଂ ହରନ୍ତଃ ପ୍ରତ୍ୟକ୍ଷଂ ଧୂର୍ତ୍ତ ଏବହି ॥

ପରର ଧନ ଅପହରଣ କରନ୍ତି ବୋଲି ସଂସାରରେ ଲୋକମାନେ ଜାର (ପର ସ୍ତ୍ରୀଗାମୀପୁରୁଷ) ଏବଂ ଚୋରକୁ ନିନ୍ଦା କରନ୍ତି । କିନ୍ତୁ ଏମାନେ ଲୋକଙ୍କର ଅଜ୍ଞାତରେ ଧନ ଅପହରଣ କରନ୍ତି । ମାତ୍ର ଧୂର୍ତ୍ତ (ଠକ, ପ୍ରତାରକ) ଲୋକଙ୍କର ଧନ ପ୍ରତ୍ୟକ୍ଷରେ ଅପହରଣ କରେ ।

୧୮୯—ହିତଂତ୍ୱହିତବଦ୍‌ଭାନ୍ତେ ଅହିତଂ ହିତବତ୍ସଦା ।
ଧୂର୍ତ୍ତାଃ ସନ୍ଦର୍ଶୟିତ୍ୱାଜ୍ଞଂ ସ୍ୱକାର୍ଯ୍ୟଂ ସାଧୟନ୍ତି ଚେ ॥

ଠକଲୋକମାନେ ଅଜ୍ଞ ଜନତା ଆଗରେ ଭଲକୁ ମନ୍ଦ ଏବଂ ମନ୍ଦକୁ ଭଲ ବୋଲି ପ୍ରତିପାଦନ କରାଇ ନିଜର ଅଭିଳାଷ ସାଧନ କରିଥାନ୍ତି ।

୧୯୦—ବ୍ୟାଧୋ ମୃଗବଧଂକର୍ତ୍ତୁଂ ଗୀତଂ ଗାୟତି ସୁସ୍ୱରମ୍ ।
ମାୟାଂ ବିନା ମହାଦ୍ରବ୍ୟଂ ଦ୍ରାଙ୍ଗ୍ ନ ସଂପାଦ୍ୟତେଜନୈଃ ॥

ବ୍ୟାଧ ଯେପରି ଜଙ୍ଗଲରୁ ମୃଗକୁ ଆକୃଷ୍ଟକରିବା ପାଇଁ ଅତି ମଧୁର ସ୍ୱରରେ ଗୀତ ଗାଇଥାଏ, ସେପରି ଧୂର୍ତ୍ତଲୋକମାନେ ମାୟାଜାଲ ବିସ୍ତାର କରି ନାନା କପଟ ଏବଂ ଛଳନାତ୍ମକ କାର୍ଯ୍ୟଦ୍ୱାରା

Digitized by srujanika@gmail.com

ଜନତାଙ୍କୁ ଶୋଷଣ କରିଥାନ୍ତି । କୌଣସି ଲୋକ କପଟାଚରଣ ନ କରି ସଦୁପାୟରେ ବହୁତ ଗୁଡ଼ାଏ ଧନ ଅଳ୍ପସମୟ ମଧ୍ୟରେ ସଂଗ୍ରହ କରିପାରେ ନାହିଁ ।

୧୯୧—ବିନାପରସ୍ୱରଣାତ୍ ନ କଶ୍ଚିତ୍‌ସ୍ୟାତ୍ ମହାଧନଃ ।
ମାୟାଂ ଜାତୁ ବିନା ତର୍ଦ୍ଧି ନ ସାଧ୍ୟଂ ସ୍ୟାତ୍ ଯଥେପ୍ସିତମ୍ ॥

ସଂସାରରେ ଅନ୍ୟଠାରୁ ଶୋଷଣ ନ କରି କେହି ହେଲେ ବଡ଼ ଧନୀ ହୋଇ ନାହାନ୍ତି । ଅସଦୁପାୟ, ଛଳନା, ଠକାମି, ଶୋଷଣ ଇତ୍ୟାଦି ନ କରି କେହିହେଲେ ନିଜର ଅଭିଳାଷ ପୂର୍ଣ୍ଣକରି ପାରନ୍ତି ନାହିଁ । ଅର୍ଥାତ୍ ବଡ଼ ଧନୀ ହୋଇ ପାରନ୍ତି ନାହିଁ ।

୧୯୨—ବହୁଭିର୍ଯ୍ୟସ୍ତୁତୋଧର୍ମଃ ନିନ୍ଦତୋଽଧର୍ମ ଏବ ସଃ
ଧର୍ମତତ୍ତ୍ୱଂ ହି ଗହନଂ ଜ୍ଞାତୁଂ କେନାପି ଶକ୍ୟତେ ?

ସଂଖ୍ୟାଧିକ ଲୋକେ ଯାହାକୁ ଧର୍ମ ବୋଲି ଆଗ୍ରହ ସହକାରେ ଗ୍ରହଣ କରିବେ, ତାହାହିଁ ହେଉଛି ଧର୍ମ । ସେପରି ଅଧିକାଂଶ ଲୋକ ଯାହାକୁ ଅଧର୍ମ କହିବେ ତାହା ଅଧର୍ମ ଅଟେ । କାରଣ ଧର୍ମର ତତ୍ତ୍ୱ କେହି ହେଲେ ଜାଣିପାରନ୍ତି ନାହିଁ ତାହା ଅତି ଜଟିଳ ଅଟେ ।

୧୯୩—ଅତିଦାନ ତପଃ ସତ୍ୟଂ ଯୋଗ ଦାରିଦାରିଦ୍ର୍ୟ କୃତ୍ତିହି ।
ଧର୍ମାର୍ଥୌ ଯଦି ନ ସ୍ୟାତାଂ ତଦ୍ଧିକାମଂ ନିରର୍ଥକମ୍ ॥

ଗୃହସ୍ଥ ପକ୍ଷରେ ଅତିଶୟ ଦାନ କରିବା, ତପସ୍ୟା କରିବା, ସତ୍ୟପାଳନ କରିବା କିମ୍ବା କହିବା, ଯୋଗସାଧନ କରିବା ଉଚିତ ନୁହେ । କାରଣ ଏହାଦ୍ୱାରା ଦରିଦ୍ରତା ଆସିଥାଏ । ଯେଉଁ କାର୍ଯ୍ୟରେ ଧର୍ମ ଓ ଅର୍ଥ ଏକବି ଲାଭ ହୁଏନାହିଁ ତାହା ଗୃହୀ ପକ୍ଷରେ ନିରର୍ଥକ ଅଟେ ।

Digitized by srujanika@gmail.com

୧୯୪—ଶସ୍ତ୍ରାସ୍ତ୍ରଭ୍ୟାଂ ବିନାଶୌର୍ଯ୍ୟଂ ଗାର୍ହସ୍ଥ୍ୟଂ ତୁ ସ୍ତ୍ରିୟଂ ବିନା
ଐକମତ୍ୟଂ ବିନାଯୁଦ୍ଧଂ କୌଶଲ୍ୟଂ ଗ୍ରାହକଂ ବିନା
ଦୁଃଖାୟ ଜାୟତେ ନିତ୍ୟଂ ସୁସହାୟଂ ବିନା ବିପତ୍ ।।

ବିନା ଅସ୍ତ୍ର ଶସ୍ତ୍ରରେ ବୀରତ୍ୱ ଦେଖାଇବା, ବିନା ସ୍ତ୍ରୀରେ ଗୃହସ୍ଥାଶ୍ରମ କରିବା, ସମସ୍ତଙ୍କର ମନ ସମାନ ନ ଥାଇ ଯୁଦ୍ଧ କରିବା, ଗ୍ରାହକ ନ ଥାଇ ବେପାରରେ ଚତୁରତା ଦେଖାଇବା, ସାହାଯ୍ୟକାରୀର ଅଭାବରେ ବିପଦ ପଡ଼ିବା, ଏସବୁ ଦୁଃଖଦାୟକ ଅଟେ ।

୧୯୫—ବାଲ୍ୟଂ ବା ଯଥ ତାରୁଣ୍ୟଂ ପ୍ରାରମ୍ଭିତ ସମାପ୍ତିଦମ୍ ।
ପ୍ରାଜ୍ଞୋ ବୁଦ୍ଧିମତୋ ଜ୍ଞେୟଂ ନ ବାର୍ଦ୍ଧକ୍ୟଂ କଥଂଚନ ।।

ବାଲ୍ୟ କିମ୍ବା ଯୌବନ ସମୟରେ ଯେଉଁକାର୍ଯ୍ୟ ଆରମ୍ଭ କରାଯାଏ, ତାହା ସହଜରେ ସମାପ୍ତ ହୋଇପାରେ;କିନ୍ତୁ ବୃଦ୍ଧାବସ୍ଥାରେ ଯାହା ଆରମ୍ଭ କରିବ ତାହା ସମାପ୍ତ କରିବାର ଆଶା ନ ଥାଏ । ତେଣୁ ବୁଦ୍ଧିମାନ୍ ଲୋକେ ଯେ କୌଣସି କାର୍ଯ୍ୟକୁ ବୃଦ୍ଧାବସ୍ଥାରେ ଆରମ୍ଭ ନ କରି ତାର ବହୁ ପୂର୍ବରୁ ଆରମ୍ଭ କରିଥାନ୍ତି ।

୧୯୬—ଈର୍ଷ୍ୟା ଲୋଭଃ ମଦଃ ପ୍ରୀତିଃ କ୍ରୋଧୋ ଭୀତଶ୍ଚ ସାହସମ୍ ।
ପ୍ରବୃତ୍ତ ଛିଦ୍ର ହେତୁନି କାର୍ଯ୍ୟେ ସପ୍ତ ବୁଧା ଜଗୁଃ ।।

ଈର୍ଷା, ଲୋଭ; ପ୍ରୀତି, ଗର୍ବ, କ୍ରୋଧ, ଭୟ, ସାହସ (ଚତୁରହୀନତା) ଏ ସାତଟି ପ୍ରବୃତ୍ତ କାର୍ଯ୍ୟରେ ବିଘ୍ନ ସୃଷ୍ଟି କରିଥାନ୍ତି । ଏଣୁ, ଯଦି କୌଣସି କାର୍ଯ୍ୟ କରିବାକୁ ହୁଏ, ତେବେ ମନ ମଧ୍ୟରୁ ଈର୍ଷା, ଲୋଭ ଇତ୍ୟାଦି ପ୍ରବୃତ୍ତିକୁ ଦୂର କରିବ ।

Digitized by srujanika@gmail.com

୧୯୭—ନୃପଜ୍ଞାମନ୍ତରେଣ କଦାପି ନ ଗ୍ରାମେ ସୈନିକୋ ବସେତ୍ ।
ତଥା ନ ପୀଡ଼ୟେତ୍ କ୍ୱାପି କଦାପି ଗ୍ରାମ-ବାସିନଃ ॥

ରାଜାଙ୍କର ବିନା ଅଦେଶରେ କୌଣସି ଗ୍ରାମରେ ସୈନିକର ପ୍ରବେଶ କରିବା ଉଚିତ ନୁହେଁ । ରାଜାଦେଶରେ ପ୍ରବେଶ କଲେ ସୁଦ୍ଧା କଦାପି ଗ୍ରାମବାସୀମାନଙ୍କୁ କଦାପି ପୀଡ଼ା ଦେବା ଉଚିତ ନୁହେଁ ।

୧୯୮—ସୈନିକୈଃ ନ ବ୍ୟବହରେତ୍ ନିତ୍ୟଂ ଗ୍ରାମ୍ୟ ଜନୋଽପିଚ,
ଶ୍ରାବୟେତ୍ ସୈନିକାନ୍ ନିତ୍ୟଂ ଧର୍ମ ଶୌର୍ଯ୍ୟ ବିବର୍ଦ୍ଧନମ୍ ।

ଗାଁରେଥିବା ଲୋକମାନେ ସୈନିକମାନଙ୍କ ସହିତ ସର୍ବଦା ବ୍ୟବହାର କରିବା ଉଚିତ ନୁହେଁ । ସୈନିକମାନଙ୍କର ଧର୍ମଭାବ, ଦେଶପ୍ରେମ ଓ ବୀରତ୍ୱ ବଢିବାଭଳି ବକ୍ତୃତା ରାଜା ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ହେବା ଉଚିତ ।

୧୯୯—ମୂଳାଚତୁର୍ଗୁଣା ବୃଦ୍ଧି ର୍ଗୃହୀତା ଧନିକେ ନଚ ।
ଅଧମର୍ଣ୍ଣାତ୍ ନ ଦାତବ୍ୟଂ ଧନିକେ ତୁ ଧନଂ ତଦା ॥

ଯେଉଁ ସାହୁକାର ଖାତକଠାରୁ ମୂଳଧନର ଚାରିଗୁଣ ସୁଧ-ରୂପେ ନେଇ ସାରିଥାଏ, ସେପରି ସାହୁକାରକୁ ଖାତକ ଋଣ ପରିଶୋଧ କରିବା ପାଇଁ ଆଉ ଅଧିକ ଧନ ଦେବା ଉଚିତ ନୁହେଁ ।

୨୦୦—ଉତ୍କୃଷ୍ଟ ଜାତିଶୀଳାନାଂ ଗୁର୍ବାଚାର୍ଯ୍ୟ ତପସ୍ୱିନାମ୍ ।
ସମ୍ୟକ୍ ବିଜ୍ଞାନ ସମ୍ପନ୍ନେ ନୋପଦେଶଂ ପ୍ରକଲ୍ପୟେତ୍ ॥

ଯେ ଉତ୍ତମ ଜ୍ଞାନ ସମ୍ପନ୍ନ, ଜାତିରେ ଏବଂ କାର୍ଯ୍ୟରେ ଯେ ଶ୍ରେଷ୍ଠ, ଗୁରୁ, ଅଧ୍ୟାପକ, ତପସ୍ୱୀ, ଏମାନଙ୍କୁ ଉପଦେଶ ଦେବା ଉଚିତ ନୁହେଁ ।

Digitized by srujanika@gmail.com

୨୦୧—ବଳୀୟସି ପ୍ରଣମତାଂ କାଲେ ବିକ୍ରମତା ମତି ।
ସଂପଦୋ ନ ବିସର୍ପନ୍ତି ପ୍ରତୀପ ମିବ ନିମ୍ନଗାଃ ॥

ବଳବାନ୍ ଶତ୍ରୁଠାରେ ଯେ ଅଧୀନତା ସ୍ୱୀକାର କରି ରହି ଥାଏ ଏବଂ ସମୟରେ ସୁବିଧା ପାଇଲେ ଯେ ନିଜର ପରାକ୍ରମ ଦ୍ୱାରା ତାହାକୁ ଧ୍ୱଂସ କରେ, ସେ କେବେହେଲେ ସମ୍ପଦହୀନ ହୁଏନାହିଁ । ନଦୀ ଯେପରି ବିପରୀତ ଦିଗକୁ ଗତି କରିପାରେ ନାହିଁ ।

୨୦୨—ଶୁକ୍ରୋକ୍ତ ନୀତିସାରଂ ଯଃ ଚିନ୍ତୟେଦନିଶଂ ନୃପ ।
ବ୍ୟବହାର ଧୁରଂ ବୋଢୁଂ ସଶକ୍ତୋ ନୃପତି ର୍ଭବେତ୍ ।

ଶୁକ୍ରାଚାର୍ଯ୍ୟଙ୍କର କଥିତ ଏହି ନୀତି ଶାସ୍ତ୍ରକୁ ଯେଉଁ ଲୋକ ପଢେ, ତାର ବ୍ୟବହାର ବିଷୟରେ ଦକ୍ଷତା ଜନ୍ମେ । ଯେଉଁ ରାଜା ବା ଶାସକ ଏହାକୁ ଅନୁଶୀଳନ କରନ୍ତି, ସେ ରାଜ୍ୟ ଶାସନ କରିବା ପାଇଁ ସମର୍ଥ ହୁଅନ୍ତି ।

—* ସମାପ୍ତ *—

ମୁଦ୍ରାକର ଶ୍ରୀ ରାମଚନ୍ଦ୍ର କର, ସାରସ୍ୱତ ପ୍ରେସ, କଟକ—୧୯୬୪

Digitized by srujanika@gmail.com